## ମହିଳା କଲେଜରେ ମାନବାଧିକାର ଦିବସ

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ସରକାରୀ ମହିଳା କଲେଜ ସଭାକକ୍ଷରେ ଶୁକ୍ରବାର ମାନବାଧିକାର ଦିବସ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ପରିଚାଳନାରେ ସଭା ହୋଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ରାଜନୀତି ବିଭାଗ ମୁଖ୍ୟ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଗତୀକରଣ ଦୁନିଆରେ ମାନବାଧିକାର : ସମାସ୍ୟା ଓ ସୁଯୋଗ ଶୀର୍ଷକରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଫେସର ଜୟନ୍ତକର ଶର୍ମା ଅତିଥି ପରିଚୟ ପ୍ରଦାନ ଓ ଅଧାପକ ଯୋଗେଶ ଚନ୍ଦ୍ର ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଫେସର ଉମାଶଙ୍କର ଦାଶ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବାର୍‌ହା ଫାଶରେ ଯୁବକଙ୍କ ମୃତ୍ୟୁ ଘଟଣା: ୩ ଗିରଫ



**ଝାରସୁଗୁଡ଼ା ଅଫିସ,୧୦।୧୨:** ଗତ ଶନିବାର ରେଙ୍ଗାଲି ଥାନା ଲୁହାବଗା ଗ୍ରାମର ଭୂଦେବ ମେହେର(୨୧) ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ଏ ନେଇ ମୃତକଙ୍କ ମା' ଉର୍ବଶୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ୧୭୪/୨୧)ରୁଜୁ କରିଥିଲା। ୨୪ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୋଲିସ ପ୍ରତିଶ୍ରୁତି ଦେଇଥିଲା। ୪ଦିନ ବିତିଥିଲେ ମଧ୍ୟ ପୋଲିସ ସେମାନଙ୍କୁ ଧରିବାରେ ବିଫଳ ହୋଇଥିଲା। ଏହାର ପ୍ରତିବାଦରେ ଗ୍ରାମବାସୀ କନକତୋରା ବିଟ୍‌ହାଉସରେ ପହଞ୍ଚି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ଦାବି କରିଥିଲେ। ଏହି ଘଟଣାରେ ପୋଲିସ ଗ୍ରାମର ୭ଜଣଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଥିଲା। ଜେରାବେଳେ ଏମାନଙ୍କ ମଧ୍ୟରୁ ୩ଜଣ ବାର୍‌ହା ଶିକାରପାଇଁ ଗ୍ରାମ ନିକଟରେ ବିଦ୍ୟୁତ୍ ତାର ବିଛାଇଥିବା ସ୍ୱୀକାର କରିଛନ୍ତି। ପ୍ରମାଣ ପାଇବା ପରେ ପୋଲିସ ସେମାନଙ୍କୁ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବେଣୁଧର ସେଠ୍ (୩୬), ଶିବ ଡିଲା (୪୫) ଓ ରୋହିତ ସାମରଥ୍ (୩୬)। ଏମାନଙ୍କ ନାମରେ ପୋଲିସ ଆଇପିସି ଦଫା ୩୦୪(ଏ) ଲଗାଇଛି। ଏମାନଙ୍କ ନିକଟରୁ ପୋଲିସ ତାର ଓ ବାଉଁଶ ଖୁଣ୍ଟ ଆଦି ଜବତ କରିଛି।

### କାଠ ବୋଝେଇ ଗାଡ଼ି ଜବତ, ଚାଳକ ଗିରଫ



**ଝାରସୁଗୁଡ଼ା ଅଫିସ,୧୦।୧୨:** ଲଇକେରା ଥାନା ମୁଦ୍ରାଯୋର ଗ୍ରାମରୁ ଏକ ସବାରୀ ଗାଡ଼ିରେ କାଠ ବୋଝେଇ ହୋଇ ଝାରସୁଗୁଡ଼ା ଯାଉଥିବାବେଳେ ବନ ବିଭାଗ ହାତରେ ଧରାପଡିଛି। ବନ କର୍ମଚାରୀ ଉକ୍ତ ଗାଡ଼ି (ଓଆର୍‌୧୫-୯୦୯୨) ଜବତ କରିବା ସହ ଚାଳକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛନ୍ତି। ସେ ହେଲେ ମୁଦ୍ରାଯୋର ଗମ୍ଭାରୀଗୁଡାର ଦେବବ୍ରତ ପଟେଲ (୩୫)। ଗାଡ଼ିରେ ଥିବା ୯ ସିଏଫ୍‌ଟି ଶାଳ ଚୌଉକାଠ ଜବତ ହୋଇଛି। ଏ ନେଇ ବାଗଡିହି ରେଞ୍ଜ ପକ୍ଷରୁ ଏକ ମାମଲା (ନଂ୬୪/୨୧) ରୁଜୁ ହୋଇଛି। କାଠ ବୋଝେଇ ଗାଡ଼ି ଝାରସୁଗୁଡା ଅଭିମୁଖେ ଯାଉଥିବା ବାଗଡିହି ରେଞ୍ଜର ବ୍ରଜମୋହନ ପଟ୍ଟନାୟକ ବିଶେଷ ସୂତ୍ରରୁ ଖବର ପାଇଥିଲେ । ପରେ ତାଙ୍କ ନେତୃତ୍ୱରେ ୨ଟିମ୍ ଗଠନ କରାଯାଇଥିଲା । ଏଥିରେ ଫରେଷ୍ଟର ବୁଦ୍ଧୁରାମ ରୋହିଦାସ, ସୁରେଶ କୁମାର ତରାଇ ଓ ପ୍ରଦୀପ କୁମାର ବେସନ ପ୍ରମୁଖ ସାମିଲ ହୋଇଥିଲେ। କାଠ ବୋଝେଇ ଗାଡ଼ିକୁ ଏହି ଟିମ୍ ଅର୍ଡା ଆଶ୍ରମ ସ୍କୁଲ୍ ନିକଟରେ ଧରିଥିଲା।

# ଆବାସ ଯୋଜନାରେ ମିଳୁନି ଟଙ୍କା

ସମ୍ବଲପୁର,୧୦।୧୨(ବ୍ୟୁରୋ)

- ଘର ଅସମ୍ପୂର୍ଣ୍ଣ, ଶୀତ କାକରରେ ପରିବାର
- ପ୍ରଭାବିତ ୪ ଶହରୁ ଅଧିକ ହିତାଧିକାରୀ

ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଶ୍ରେୟକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ ବିବାଦ ଲାଗିରହିଥିଲା। ଏପରି କି ଅନେକ ସ୍ଥାନରେ ଦଳୀୟ କର୍ମୀମାନଙ୍କ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତ ସୃଷ୍ଟି ହୋଇଥିଲା। ହେଲେ ହିତାଧିକାରୀ କାମ ସାରିବା ପରେ ମଧ ଟଙ୍କା ପାଉ ନ ଥିବା ଘଟଣାରେ କୌଣସି ରାଜନୈତିକ ଦଳ ମୁହଁ ଖୋଲୁ ନାହାନ୍ତି। ପ୍ରାୟ ଏକମାସ ହେଲା ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ଅଧୀନରେ ୪ ଶହରୁ ଉର୍ଦ୍ଧ୍ୱ ହିତାଧିକାରୀ ଟଙ୍କା ପାଇନାହାନ୍ତି। ଏହାକୁ ଏସ୍‌ଏମ୍‌ସି ମଧ ସ୍ୱୀକାର କରିଛି। ବୈଷୟିକ ତ୍ରୁଟି ଯୋଗୁ ନଭେମ୍ବର ୯ ତାରିଖଠାରୁ ହିତାଧିକାରୀ ଟଙ୍କା ପାଇ ନ ଥିବା କହୁଛନ୍ତି। ରାଜ୍ୟ ହେଉ କି କେନ୍ଦ୍ର ଅବହେଳା ଯୋଗୁ ଗରିବ ହିତାଧିକାରୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି କି ଘର ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ବହୁ ପରିବାର ଶୀତକାକରରେ ଦିନ କାଟୁଛନ୍ତି।



ଏସ୍‌ଏମ୍‌ସିରେ ଆବାସ ଯୋଜନାରେ ନିର୍ମାଣ ହୋଇଥିବା ଘର।

ଟାଙ୍ଗରପାଲିର ଜଣେ ହିତାଧିକାରୀ କହିଛନ୍ତି, କାର୍ଯ୍ୟାଦେଶ ପାଇବା ପରେ କାମ ଆରମ୍ଭ କରିଥିଲି। ଏପର୍ଯ୍ୟନ୍ତ ପ୍ରଥମ କିସ୍ତିରେ ମାତ୍ର ୪୦ ହଜାର ଟଙ୍କା ମିଳିଛି। ହେଲେ ସେ ଛାତ ପକାଇ ସାରିଛନ୍ତି। ନିୟମ ଅନୁସାରେ ଛାତ ପଡିବା ପରେ ଦ୍ୱିତୀୟ କିସ୍ତି ମିଳିବ। ଏଥିପାଇଁ ଏସ୍‌ଏମ୍‌ସି କର୍ମଚାରୀ ଆସି ତଦାରଖ କରିଛନ୍ତି। ଫଟୋ ସହିତ ଆବଶ୍ୟକ କାଗଜପତ୍ର ଦାଖଲ କରାଯାଇଛି। ଏସ୍‌ଏମ୍‌ସି ଅଫିସକୁ ଗଲେ ଦିନେ ଦୁଇଦିନ ଭିତରେ ହୋଇଯିବ ବୋଲି କହୁଛନ୍ତି। ହେଲେ ଏକମାସ ହେଲା ଟଙ୍କା ମିଳୁ ନାହିଁ। ଏପଟେ ବାଲି, ସିମେଣ୍ଟ, ଇଟା ଯୋଗାଇଥିବା ବ୍ୟକ୍ତି ଘରକୁ ଟଙ୍କା ମାଗିବାକୁ ଆସୁଛନ୍ତି। ଆଗକୁ ଘର କାମ ମଧ ଆଗେଇ ପାରୁ ନାହିଁ। ଧାର୍ଯ୍ୟ ସମୟ ଭିତରେ ଘର ସାରି ପ୍ରୋତ୍ସାହନ ରାଶି ପାଇବାକୁ ଆଶା କରିଥିଲି। ହେଲେ ଏବେ ସେହି ଟଙ୍କା ପାଇବାରୁ ବଞ୍ଚିତ ହେବି ବୋଲି କହିଥିଲେ। ଏହିଭଳି ୪ଶହରୁ ଉର୍ଦ୍ଧ୍ୱ ହିତାଧିକାରୀ ଦ୍ୱିତୀୟ କିସ୍ତି, ଫାଇନାଲ ବିଲ୍ ପାଇବା ଅପେକ୍ଷାରେ ଅଛନ୍ତି। ସେମାନେ ମଧ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଘର ନିର୍ମାଣ ପାଇଁ ପୁରୁଣା ଘର ଭାଙ୍ଗି ଦେଇଛନ୍ତି। ଟଙ୍କା ଅଭାବରୁ ଘର ସମ୍ପୂର୍ଣ୍ଣ ହୋଇ ପାରୁ ନାହିଁ। ତେଣୁ ଶୀତକାକରରେ ବାହାରେ ପରିବାର ସହ ଶୋଇବାକୁ ପଡୁଛି ବୋଲି ବହୁ ହିତାଧିକାରୀ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ଏସ୍‌ଏମ୍‌ସି ଆସିଷ୍ଟାଣ୍ଟ କମିଶନର ରାକେଶ ଅଗ୍ରୱାଲ କହିଛନ୍ତି, ଆବାସ ଯୋଜନାରେ ପ୍ରାୟ ଏକମାସ ହେବ ଟଙ୍କା ମିଳୁନାହିଁ। ଏସ୍‌ଏମ୍‌ସି ପକ୍ଷରୁ ସମସ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ କରି ଅନ୍‌ଲାଇନରେ ସରକାରଙ୍କ ପାଖକୁ ପଠାଇ ଦିଆଯାଇଛି। ସିଧାସଳଖ ହିତାଧିକାରୀଙ୍କ ଜମା ଖାତାକୁ ଟଙ୍କା ଆସିଯିବ। ବୈଷୟିକ ତ୍ରୁଟି ଥିବା ଯୋଗୁ ଟଙ୍କା ଜମାଖାତାକୁ ଯାଉ ନ ଥିବା ଉଚ୍ଚପଦସ୍ଥ ଅଧିକାରୀ ସୂଚନା ଦେଉଛନ୍ତି। ଖୁବ୍‌ଶୀଘ୍ର ସମାଧାନ ହୋଇଯିବ ବୋଲି କହିଥିଲେ।

## ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ




ଟୁର୍ନାମେଣ୍ଟକୁ ଏସ୍‌ପି ବିକାଶ ଚନ୍ଦ୍ର ଦାସ ଉଦ୍‌ଘାଟନ କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୧୦।୧୨

ଝାରସୁଗୁଡ଼ା ମଙ୍ଗଳବଜାରସ୍ଥିତ ପୌର ପରିଷଦ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ରାଜ୍ୟସ୍ତରୀୟ ସିନିୟର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏସ୍‌ପି ବିକାଶ ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପିଡବ୍ଲ୍ୟୁଡି ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ନାଥ, ଓଏସ୍‌ବିଏ ସମ୍ପାଦକ ନିଲେନ କୁମାର, ଯୁଗ୍ମ ସମ୍ପାଦକ ସନ୍ଦିପ ମିଶ୍ର, ଜେବିଏ ସମ୍ପାଦକ ଶୁଭମ ଶର୍ମା, ଉପଦେଷ୍ଟା ପ୍ରତାପ କୁମାର ବେହେରା, ଜିଲା କ୍ରୀଡାସଂଘ ଉପସଭାପତି ଜୀବନ ମହାନ୍ତି, ଓସିଏ ସହ ସମ୍ପାଦକ ମେହେତାବ୍ ଖାନ, ଜେଡିସିଏ ଆସୋଶିଏଶନ ସଭାପତି ପ୍ରଜ୍ୱଳ ପଟେଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ୫ଟି ଇଭେଣ୍ଟରେ ବିଭିନ୍ନ ଜିଲାରୁ ୧୩୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ନାମେଣ୍ଟକୁ ଓବିଏ ମୁଖ୍ୟ ସ୍ୱାଧୀନ ମିଶ୍ର ପରିଚାଳନା କରୁଥିବାବେଳେ ବିଜୟ କୁମାର ବାଗ୍ ସହାୟତା କରୁଛନ୍ତି। ୩କୋର୍ଟରେ ଦିବାରାତ୍ର ଚାଲିଥିବାବେଳେ ଟୁର୍ନାମେଣ୍ଟକୁ ଦିଲୀପ କୁମାର ନାୟକ, ଏଲ୍.ପି. ନନ୍ଦ, ଟିକେଶ୍ୱର ସାହୁ, ଅଜିତ କୁମାର ପଟ୍ଟନାୟକ, ହେମନ୍ତ ପ୍ରଧାନ, ସମୀର ସାହୁ ପ୍ରମୁଖ ପରିଚାଳନା କରୁଛନ୍ତି।

## ଛାତ୍ର ବିଜେଡିର ଅଭିଯୋଗ ଶୁଣୁନି ଏସ୍‌ଏମ୍‌ସି

ସମ୍ବଲପୁର,୧୦।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ଛାତ୍ର ବିଜେଡିକୁ ନେଇ ଜିଲାରେ ଏବେ ଚର୍ଚ୍ଚା ଜୋର ଧରିଛି। ଜିଲା ଛାତ୍ରବିଜେଡିସଭାପତିଡ.ସିଦ୍ଧାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଏସ୍‌ପି ବାତୁଲା ଗଙ୍ଗାଧରଙ୍କୁ ଭେଟିବା ଘଟଣା ପରେ ଏହି ଆଲୋଚନା ହେଉଛି। ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି)ର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଛାତ୍ର ବିଜେଡିର ଜଣେ କର୍ମକର୍ତ୍ତାଙ୍କ ଅଭିଯୋଗ ଶୁଣି ନ ଥିବା ନେଇ ଏସ୍‌ପିଙ୍କୁ ଅଭିଯୋଗ କରିବାକୁ ଯାଇଥିଲେ ବୋଲି ଚର୍ଚ୍ଚା ହେଉଛି। ହେଲେ ଛାତ୍ର ବିଜେଡି ସଭାପତି ମହାନ୍ତି ଏସ୍‌ପିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତକାର ଥିଲା। ଯାହା ଆଲୋଚନା ହେଉଛି ସେମିତି କିଛି ଘଟଣା ହୋଇନାହିଁ। ହୋଇଥିଲେ ଗଣମାଧ୍ୟମ ଆଗରେ ପ୍ରକାଶ କରିଥାନ୍ତୁ ବୋଲି କହିଥିଲେ। ଅନ୍ୟପଟେ ଏସ୍‌ପି ଗଙ୍ଗାଧର କହିଛନ୍ତି, କେତେଜଣ ସଦସ୍ୟ ଆସି ଅଭିଯୋଗ କରିଥିଲେ, ଏସ୍‌ଏମ୍‌ସି ଅଧିକାରୀ ଓ କର୍ମଚାରୀ ଛାତ୍ର ବିଜେଡି କର୍ମକର୍ତ୍ତାଙ୍କ ଅଭିଯୋଗ ଓ ଲୋକଙ୍କ ସମସ୍ୟା ଉପରେ ଜଣାଇଲେ ଶୁଣୁ ନାହାନ୍ତି। କିଭଳି ସମାଧାନ ହେବ ବୋଲି ଜଣାଇଥିଲେ। ଏହା ପୋଲିସ କାର୍ଯ୍ୟ ପରିସର ବାହାରେ। ଜିଲା ପ୍ରଶାସନ ପାଖରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିବା ଏସ୍‌ପି ଗଙ୍ଗାଧର କହିଛନ୍ତି। ଏସ୍‌ପି ଗଙ୍ଗାଧର ଓ ସଭାପତି ମହାନ୍ତିଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ଏହି ଘଟଣାରେ ଅନ୍ୟ କିଛି ସତ୍ୟତା ଥାଇପାରେ ବୋଲି ଆଲୋଚନା ହେଉଛି। ଘଟଣା ପ୍ରଚାର ହେବା ପରେ ବିରୋଧୀ ଦଳ ଓ ବୁଦ୍ଧିଜୀବୀ ଏହାକୁ ସମାଲୋଚନା କରୁଛନ୍ତି।

## ନାବାଳିକା ମୁଣ୍ଡରେ ବଢୁଛି ମାଂସ ପିଣ୍ଡୁଳା

ନାକଟିଦେଉଳ,୧୦।୧୨(ଡି.ଏନ.ଏ.)

୧୧ବର୍ଷ ବୟସର ଝିଅ ମୁଣ୍ଡରେ ବଢୁଛି ମାଂସ ପିଣ୍ଡୁଳା। ଏଥିଯୋଗୁ କଷ୍ଟ ପାଉଥିବା ଝିଅଟିର ଜୀବନ ଦୁର୍ବିଷହ ହୋଇପଡିଛି। ଏଭଳି ଘଟଣା ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ପାଣିମୁରା ପଞ୍ଚାୟତର ତାଲବ ଗ୍ରାମର ଦେଖିବାକୁ ମିଳିଛି। ଗ୍ରାମର କୁମାର ନାଏକ ଓ ଜେମା ନାଏକଙ୍କ ଝିଅ ରିମା ୬ଷ୍ଠ ଶ୍ରେଣୀରେ ପଢନ୍ତି। ଗରିବ ଆଦିବାସୀ ଶ୍ରେଣୀର ହୋଇଥିବାରୁ କୁମାର ମୁଲ ମଜୁରି ଲାଗି ପରିବାର ପ୍ରତିପୋଷଣ କରିଥାନ୍ତି। ତିନି ସନ୍ତାନର ଜନକ କୁମାରଙ୍କର ଦ୍ୱିତୀୟ ସନ୍ତାନ ହେଉଛନ୍ତି ରିମା। ଜନ୍ମର ୨ମାସ ପରେ ତାଙ୍କ ମୁଣ୍ଡରେ ଏକ ଛୋଟ ମାଂସ ପିଣ୍ଡୁଳା ଉଠିଥିଲା। ପରେ ଏହା ବଢିବାରେ ଲାଗିଲା। ମାଂସ ପିଣ୍ଡୁଳା ବଢିବା ସାଙ୍ଗକୁ ରିମାଙ୍କ ଯନ୍ତ୍ରଣା ବଢିଚାଲିଲା। ଏହାକୁ ନେଇ ମା'ବାପା ବ୍ୟସ୍ତ ହୋଇପଡ଼ିଥିଲେ। ହେଲେ ଆର୍ଥିକ ଦୁରବସ୍ଥା ଯୋଗୁ ଝିଅକୁ କୌଣସି ବଡ଼ ଡାକ୍ତରଖାନା ନେଇ ଚିକିତ୍ସା କରାଇପାରି ନ ଥିଲେ। ତଥାପି ଧାର ଉଧାର କରି କିଛି ବର୍ଷ ପୂର୍ବରୁ ମା'ବାପା ଝିଅକୁ ଧରି ରେଢାଖୋଲ ଡାକ୍ତରଖାନା ନେଇଥିଲେ। ସେଠାରେ ପ୍ରାୟ ଏକସପ୍ତାହ ରହିବା ପରେ ମଧ ଚିକିତ୍ସା ହୋଇ ନ ପାରିବାରୁ ଗାଁକୁ ଫେରି ଆସିଥିଲେ। ଗତ ବର୍ଷ ପୁଣି ଥରେ ସେମାନେ ଝିଅକୁ ଧରି ବୁର୍ଲା ମେଡ଼ିକାଲ ଯାଇଥିଲେ ସୁଦ୍ଧା ସେଠାରୁ



ରିମା ନାଏକ।

### ଚିକିତ୍ସାରେ ଅର୍ଥ ବାଧକ

ନିରାଶ ହୋଇ ଫେରିଥିଲେ। ଖରାଦିନେ ମାଂସ ପିଣ୍ଡୁଳା ପାଚି ଯାଉଥିବାରୁ ବହୁତ ଯନ୍ତ୍ରଣା ଦେଇଥାଏ। ସରକାର ଚିକିତ୍ସା ବ୍ୟବସ୍ଥା କରାଇଲେ ସେ ପାଠ ପଢି ଜଣେ ଭଲ ମଣିଷ ହେବାକୁ ଇଚ୍ଛା ରଖିଥିବା ରିମା ପ୍ରକାଶ କରିଛନ୍ତି। ସେହିପରି ସରକାର ଗରିବ ଲୋକଙ୍କ ଚିକିତ୍ସା ପାଇଁ କେତେ କ'ଣ ଯୋଜନା କରୁଛନ୍ତି, ଝିଅର ଅପରେଶନ କରାଇଦେଲେ ଆମେ ଉପକୃତ ହୁଅନ୍ତୁ ବୋଲି ମାଆ ଜେମା ନାଏକ ଦୁଃଖର ସହ କହିଛନ୍ତି। ଏ ସମ୍ପର୍କରେ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. ଅମୂଲ୍ୟରତ୍ନ ମହନ୍ତ କହନ୍ତି, ସରକାରଙ୍କ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ ମିଶନ ଜରିଆରେ ଏକ ଟିମ ତାଲବ ଗ୍ରାମକୁ ଯାଇ ରିମା ନାଏକ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ଆଗାମୀ ସପ୍ତାହରେ ତାକୁ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନା ନିଆଯିବ।

## ନାଳ ପାଣିରେ ବିତୁଛି ଜୀବନ

କୁଚିଣ୍ଡା,୧୦।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ବାମରା ବ୍ଲକ କେଶାଇବାହାଲ ପଞ୍ଚାୟତର ଗୋଦାମଗୁଡାରେ ପାଣି ସମସ୍ୟା ଲାଗିରହିଛି। ୩୦ ପରିବାର ପାଇଁ ରହିଥିବା ଏକମାତ୍ର ନଳକୂପ ପାଣି ପିଇବା ଉପଯୋଗୀ ହୋଇ ନ ଥିବାରୁ ଲୋକେ ଦେଢକି.ମି. ଦୂରରେ ଥିବା ନାଳପାଣିକୁ ଭରସା କରି ଜୀବନ ବିତାଉଛନ୍ତି।

ଗ୍ରାମବାସୀ କହନ୍ତି, ପାଣି ପାଇଁ ବର୍ଷ ବର୍ଷ ଧରି ସରକାରୀ ବାବୁମାନଙ୍କୁ ଗୁହାରି କରୁଥିଲେ ବି କେହି କର୍ଣ୍ଣପାତ କରୁ ନାହାନ୍ତି। କେଶାଇବାହାଲ ରାଜସ୍ୱ ଗ୍ରାମର ଗୋଦାମଗୁଡା ହେଉଛି ଏକ ପଡାଗ୍ରାମ। ଏହି ପଡାରେ ୩୦ରୁ ଅଧିକ ପରିବାର ବସବାସ କରନ୍ତି। ଏହି ଗ୍ରାମବାସୀଙ୍କୁ ମୁନ୍ଦାଏ ପାଣି ପାଇଁ ସଂଘର୍ଷ କରିବାକୁ ପଡୁଛି। ୪ବର୍ଷ ପୂର୍ବେ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଏହି ପଡାରେ ନଳକୂପରୁ ପମ୍ପ ଲଗାଇ ସୋଲାର ଚାଳିତ ପାଣିର ବ୍ୟବସ୍ଥା କରିଥିଲେ। ଝଡ ପବନରେ ସୋଲାର ପ୍ଲେଟ ଭାଙ୍ଗିଯିବାରୁ ଅଢେଇ ବର୍ଷ ହେବ ଏହା ଅଚଳ ହୋଇପଡିଛି। ନଳକୂପରୁ ଗୋଳିଆ ପାଣି ବାହାରୁଥିବାରୁ ତାହା ବ୍ୟବହାର ଉପଯୋଗୀ ହେଉନାହିଁ। ଫଳରେ ପଡାବାସୀ ନାଳରୁ ପାଣି ଆଣି ଚଳୁଛନ୍ତି। ସକାଳ ହେଲେ ମହିଳା ଓ ପୁରୁଷ ବାହାରି ପଡନ୍ତି ପାଣି ଆଣିବାକୁ। ଏହି ପାଣି ବ୍ୟବହାର କରି ସେମାନେ ଅନେକ ସମୟରେ ବିଭିନ୍ନ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି। ଏ ସମ୍ପର୍କରେ କେଶାଇବାହାଲ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜିତ ପ୍ରଧାନ କହନ୍ତି, ସୋଲାର ସିଷ୍ଟମ ଆମ ପଞ୍ଚାୟତର ନୁହେଁ, ଏହା ଓରିଡା କମ୍ପାନୀର ଦାୟିତ୍ୱ। ଏହି କମ୍ପାନୀ ଏବେ ଆରଡବ୍ଲ୍ୟୁଏସ୍‌ଏସ୍‌କୁ ହସ୍ତାନ୍ତର କରିଛି। ଖୁବ୍‌ଶୀଘ୍ର ଆମେ ଚତୁର୍ଦ୍ଦଶ ଅର୍ଥ କମିଶନ ଟଙ୍କାରୁ ଏହା ମରାମତି କରିବୁ। ବାମରା ବିଡିଓ ଅଶ୍ୱିନୀ ପଣ୍ଡା କହନ୍ତି, ଏହା ତାଙ୍କ ଦୃଷ୍ଟିକୁ ଆସିଛି। ଓରିଡା କମ୍ପାନୀରୁ ତାଙ୍କ ଅଧୀନକୁ ଆସିଲେ ତୁରନ୍ତ ସମାଧାନ କରାଯିବ ବୋଲି କହିଛନ୍ତି।



ନାଳରୁ ପାଣି ଆଣିବାକୁ ବାହାରିଥିବା ପଡ଼ାବାସୀ।

## ସନତ ପାଙ୍ଗଯୋଶୀ କ୍ରିକେଟ: ରାଞ୍ଚି ଚାମ୍ପିୟନ

ବ୍ରଜରାଜନଗର,୧୦।୧୨(ଡି.ଏନ.ଏ.)

ସ୍ଥାନୀୟ ଆମ୍ବିସନ ଖେଳପଡ଼ିଆରେ ଚାଲିଥିବା ପ୍ରଥମ ସନତ ପାଙ୍ଗଯୋଶୀ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତାରେ ପ୍ରୋଗ୍ରେସିଭ ଝାରସୁଗୁଡ଼ାକୁ ହରାଇ ରକ୍‌ଅନ୍ ରାଞ୍ଚି ଚାମ୍ପିୟନ ହୋଇଛି। ଟସ୍ ଜିତି ଝାରସୁଗୁଡ଼ା ପ୍ରଥମେ ଫିଲ୍ଡିଂ କରିଥିଲା। ରାଞ୍ଚି ଦଳ ନିର୍ଦ୍ଧାରିତ ଓଭରରେ ୨୨୭ ରନ କରିଥିଲା। ଝାରସୁଗୁଡ଼ା ଦଳ ସମସ୍ତ ଉଇକେଟ ହରାଇ ୧୮୦ ରନ କରି ହାରିଯାଇଥିଲା। ଓରିଏଣ୍ଟ କ୍ଷେତ୍ର ମହାପ୍ରବନ୍ଧକ ମହମ୍ମଦ ମିଆ ମୁଖ୍ୟଅତିଥି ଓ ଓଡିଶା କ୍ରିକେଟ ଆସୋସିଏଶନ ସାଧାରଣ ସମ୍ପାଦକ ମେହେତାବ ଖାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଅନିରୁଦ୍ଧ କେଓଟ ଓ ବିଭୂତି ପାତ୍ର ଖେଳ ପରିଚାଳନା କରିଥିଲେ।

## ନର୍ସିଂ କଲେଜ ଡାଇରେକ୍ଟର ଗିରଫ

ଦେବଗଡ଼,୧୦।୧୨(ଡି.ଏନ୍.ଏ.)

ଦେବଗଡ଼ରେ ଏକ ନର୍ସିଂ କଲେଜ ଖୋଲି ଛାତ୍ରୀଙ୍କୁ ଜାଲ୍ ସାର୍ଟିଫିକେଟ ଦେବା ଅଭିଯୋଗରେ ଉକ୍ତ ନର୍ସିଂ କଲେଜର ଡାଇରେକ୍ଟରଙ୍କୁ ଦେବଗଡ ଆଦର୍ଶ ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ଉକ୍ତ ଜାଲ୍ ନର୍ସିଂ କଲେଜରେ ପାଠପଢି ଠକାମୀର ଶିକାର ହୋଇଥିବା ୫ ଛାତ୍ରୀଙ୍କ ଅଭିଯୋଗ ଆଧାରରେ ଡାଇରେକ୍ଟରଙ୍କୁ ପୋଲିସ ଗିରଫ କରିଥିବା ଜଣାପଡିଛି।

## ମାନବାଧିକାର ଶୀର୍ଷକ ପୋଷ୍ଟର ଅଭିଯାନ

ସମ୍ବଲପୁର,୧୦।୧୨(ବ୍ୟୁରୋ)

ମାନବାଧିକାର ଶୀର୍ଷକ ପୋଷ୍ଟର ଅଭିଯାନ ଶୁକ୍ରବାର ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତଦୁଇ ଅଧ୍ୟାପକ ସନ୍ତୋଷ ବେହେରା ମାନବିକ ଅଧିକାର ବିଷୟରେ ଆଲୋଚନା କରିଥିଲେ। ଅଧ୍ୟାପିକା ମିନତି ଛତ୍ରିଆ, ଶ୍ରଦ୍ଧାଞ୍ଜଳି ଦାଶ, ସୁରେଶ ଏକ୍କା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରୋଗ୍ରାମ ଅଧିକାରୀ ମିଲି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ପୋଷ୍ଟର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## କୋଶଳ ଆନ୍ଦୋଳନ ସଂଗ୍ରାମୀଙ୍କ ପରଲୋକ

ସମ୍ବଲପୁର,୧୦।୧୨(ବ୍ୟୁରୋ)

ସ୍ୱତନ୍ତ୍ର କୋଶଳ ରାଜ୍ୟ ଆନ୍ଦୋଳନର ସଂଗ୍ରାମୀ ଯୁଧିଷ୍ଠିର ସାହୁଙ୍କ ସମ୍ବଲପୁର ଚାରଭାଟିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ହୋଇଥିଲା। ଶିକ୍ଷା ବିଭାଗରେ ଚାକିରି କରିବା ସହ ସେ ଜଣେ ସୁସାହିତ୍ୟିକ ମଧ୍ୟ ଥିଲେ। ଏଥିସହ ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣୀତ ଥିଲେ। ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ହାବିଲଦାର, କନଷ୍ଟେବଲ ସଂଘର ଶପଥ ପାଠ

ସମ୍ବଲପୁର,୧୦।୧୨(ବ୍ୟୁରୋ)

ଓଡ଼ିଶା ହାବିଲଦାର ଓ କନଷ୍ଟେବଲ ସଂଘ ସମ୍ବଲପୁର ଶାଖାର ଶପଥ ପାଠ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରିଜର୍ଭ ପୋଲିସ ଲାଇନଠାରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଟକୋ କୁଜୁର ଯୋଗ ଦେଇ ବିଜୟୀ ପ୍ରାର୍ଥୀମାନଙ୍କୁ ଶପଥ ପାଠ କରାଇଥିଲେ। ନୂତନ ସଭାପତି ରାମଦାସ ପଣ୍ଡା, ଉପସଭାପତି ଅରୁଣ ମାଝି, ସମ୍ପାଦକ ତୁସାନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ଗଜେନ୍ଦ୍ର ମାଝି, ସହସମ୍ପାଦକ ସୁଶାନ୍ତ ନାୟକ ଓ ରବୀନ୍ଦ୍ର ଖଡିଆ, କାର୍ଯ୍ୟକାରୀ ସଭ୍ୟ ସତ୍ୟନାରାୟଣ ଓରାମ, ବରୁଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସୁନ୍ଦରଲାଲ ବେହେରାଙ୍କୁ ସର୍ବସମ୍ମତିକ୍ରମେ କେନ୍ଦ୍ରିୟ କାର୍ଯ୍ୟକାରୀ ସଭ୍ୟ ଭାବେ ମନୋନୀତ କରାଯାଇଛି। ସଂଘର ପୂର୍ବତନ ସଭାପତି ନିଗମାନନ୍ଦ ନାୟକ ଓ ସୁଶାନ୍ତ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା।

## କେନ୍ଦୁପତ୍ର ଫଡିରେ ନିଆଁଲାଗି କ୍ଷୟକ୍ଷତି

ଦେବଗଡ଼, ୧୦।୧୨(ଡି.ଏନ.ଏ.)

ତିଲେଇବଣି ବ୍ଲକ ଅନ୍ତର୍ଗତ କୁରେହିଁବାହାଲ ଗ୍ରାମରେ ଥିବା ଦେବଗଡ଼ କେନ୍ଦୁପତ୍ର ଡିଭିଜନ ଅଧିନସ୍ଥ ଏକ କେନ୍ଦୁପତ୍ର ଫଡିରେ ନିଆଁ ଲାଗିଯାଇ ଅଧାରୁ ଉର୍ଦ୍ଧ୍ୱ କ୍ଷୟକ୍ଷତି ଘଟିଥିବା ଜଣାପଡିଛି। ସୂଚନା ଅନୁଯାୟୀ ଶୁକ୍ରବାର ଉକ୍ତ କେନ୍ଦୁପତ୍ର ଫଡିରେ କୌଣସି କାରଣରୁ ହଠାତ ନିଆଁ ଲାଗିଯାଇଥିବା ଦେଖିବାକୁ ପାଇ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ସୂଚନାପାଇ ଦେବଗଡ଼ ଅଗ୍ନିଶମବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ହେ ଏ ମଧରେ ଫଡିର ଅଧାରୁ ଅଧିକ ଅଂଶ ପୋଡିଯାଇଥିଲା। ତେବେ ଉକ୍ତ ଫଡିରେ କେନ୍ଦୁପତ୍ର ମହଜୁଦ ନ ଥିବାରୁ ଆଦୌ କେନ୍ଦୁପତ୍ର ପୋଡି ନ ଥିବା ଏବଂ ସେଠାରେ ଥିବା କର୍ମଚାରୀ ଓ ଶ୍ରମିକମାନଙ୍କର କିଛି ଆସବାବପତ୍ର ନଷ୍ଟ ହୋଇଥିବା ଜଣାପଡିଛି। ଉକ୍ତ କେନ୍ଦୁପତ୍ର ଫଡିରେ କିଭଳି ନିଆଁ ଲାଗିଲା ତାହା ସ୍ପଷ୍ଟ ଭାବେ ଜଣାପଡି ନ ଥିବା ବେଳେ ବିଭାଗୀୟ ଅଧିକାରୀମାନେ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି।



ଅଗ୍ନିଶମବାହିନୀ ନିଆଁକୁ ଆୟତ୍ତ କରୁଛନ୍ତି।

## ଗ୍ରାମ୍ୟ ଜଙ୍ଗଲରୁ ବେଆଇନ ମାଟି ଉଠାଣ

ସମ୍ବଲପୁର,୧୦।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ତହସିଲ ଅଞ୍ଚଳ ମାଟି ମାଫିଆଙ୍କ ପାଇଁ ବରଦାନ ହୋଇଛି। ତହସିଲ ଅଫିସର କେତେଜଣ କର୍ମଚାରୀ ଓ ଅଧିକାରୀଙ୍କ ଅନୁକମ୍ପା ଯୋଗୁ ମାଟି ମାଫିଆ ଓ ବିଭିନ୍ନ ଠିକା ସଂସ୍ଥା ବେଆଇନ ଭାବେ ମାଟି ଉଠାଇଚାଲିଛନ୍ତି। ଗ୍ରାମବାସୀ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ବଦଳରେ ଫେରାର ହେବା ପାଇଁ ତହସିଲ ଅଫିସ ପକ୍ଷରୁ ଆଗୁଆ ସୂଚନା ଦିଆଯାଉଥିବା ଅଭିଯୋଗ ହେଉଛି। ଶୁକ୍ରବାର ମୁଣ୍ଡେର ନିକଟ ଗ୍ରାମ୍ୟ ଜଙ୍ଗଲରୁ ମାଟି ଉଠାଣ ସମୟରେ ଏଭଳି ଘଟଣା ଦେଖିବାକୁ ମିଳିଛି।

ଗ୍ରାମବାସୀ ଅଭିଯୋଗ କରିଛନ୍ତି, ପୂର୍ବାହ୍ନ ୧୦ଟା ସମୟରେ ଗ୍ରାମ୍ୟ ଜଙ୍ଗଲରେ ବନୀକରଣ ହୋଇଥିବା ବାଉଁଶ, ଶାଳ, ନିମ୍ବ ଆଦି ଗଛ ନଷ୍ଟ କରାଯାଇ ମାଟି ଉଠାଣ ହେଉଥିଲା।



ମୁଣ୍ଡେର ଗ୍ରାମ୍ୟ ଜଙ୍ଗଲରୁ ଗଛ କଟାଯାଇ ବେଆଇନ ମାଟି ଉଠାଣ କରାଯାଉଛି।

### କାର୍ଯ୍ୟାନୁଷ୍ଠାନ ବଦଳରେ ମାଫିଆଙ୍କୁ ସୂଚନା

ଏହା ଜାଣିବା ପରେ ଯୁଯୁମୁରା ଅତିରିକ୍ତ ତହସିଲଦାର ବୀରସେନ ବେହେରାଙ୍କୁ ଅଭିଯୋଗ କରିଥିଲୁ। ଅତିରିକ୍ତ ତହସିଲଦାର ଗ୍ରାମ୍ୟ ଜଙ୍ଗଲରୁ ମାଟି ଉଠାଣ ବେଆଇନ। ଆର୍‌ଆଇଙ୍କୁ ପଠାଉଛି ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ହେଲେ ପ୍ରାୟ ୧୦ ମିନିଟ ଭିତରେ ମାଟି ଉଠାଣରେ ଲାଗିଥିବା ୩ ଜେସିବି, ୮ ଟ୍ରାକ୍ଟର, ୩ ଡମ୍ପର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ରାଜସ୍ୱ ବିଭାଗର କୌଣସି କର୍ମଚାରୀ କିମ୍ବା ଅଧିକାରୀ ପହଞ୍ଚିବା ପୂର୍ବରୁ ମାଟି ମାଫିଆ ଓ ଠିକା ସଂସ୍ଥାର କର୍ମଚାରୀ ଗାଡି ଧରି ଫେରାର ହୋଇଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ତହସିଲ ଅଫିସ ପକ୍ଷରୁ କେହି ଯାଞ୍ଚ କରିବାକୁ ଆସି ନ ଥିଲେ। ପୂର୍ବରୁ ମଧ ଏହି ସ୍ଥାନରେ ମାଟି ଉଠାଣ ହେଉଥିଲା। ତହସିଲ ଅଫିସରେ ଅଭିଯୋଗ ହୋଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ତେଣୁ ଶୁକ୍ରବାରଠାରୁ ପୁଣି ମାଫିଆମାନେ କାମ ଆରମ୍ଭ କରିଥିବା ଦର୍ଶାଇଥିଲେ। ସୂଚନାଯୋଗ୍ୟ ମୁଣ୍ଡେର ଛକଠାରୁ ଖଇରମାଲ ଗ୍ରାମ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା କାମ କରାଯାଉଛି। ଏହି ରାସ୍ତାରେ ମାଟି ଆବଶ୍ୟକ। ହେଲେ ଠିକା ସଂସ୍ଥା ଆଇନଗତ ପ୍ରକ୍ରିୟା ଅବଲମ୍ବନ ନ କରି ଗ୍ରାମ୍ୟ ଜଙ୍ଗଲରୁ ମାଟି ଉଠାଣ କରୁଛି। ଫଳରେ ମୂଲ୍ୟବାନ ଗଛ ନଷ୍ଟ ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ବେହେରା କହିଛନ୍ତି, ତହସିଲ ପକ୍ଷରୁ ଚଢାଉ କରାଯାଇ ମାଟି ଉଠାଣ ବନ୍ଦ କରାଯିବ। ଏହା ବେଆଇନ। ମାଟି ଉଠାଣ ପାଇଁ କାହାକୁ ଅନୁମତି ପ୍ରଦାନ କରାଯାଇ ନାହିଁ।

## ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

**ବେହେରା,(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ଥାନା ଅଧୀନ ଜୟନ୍ତପୁର ଗ୍ରାମର ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେହେଲେ ଗ୍ରାମର ଦ୍ରୋଣ ମେହେର (୫୬) ବୋଲି ଚିହ୍ନଟ ଜଣାପଡ଼ିଛି। ଗୁରୁବାରଠାରୁ ସେ ନିଖୋଜ ଥିବା ବେଳେ ପରିବାର ଓ ସମ୍ପର୍କୀୟମାନେ ବହୁ ଖୋଜାଖୋଜି କରିଥିଲେ। ଶୁକ୍ରବାର ମଧ୍ୟାହ୍ନରେ ଏକ ଗଛରେ ବେକରେ ରଶି ଲଗାଇ ଝୁଲନ୍ତା ଅବସ୍ଥାରେ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ କୋକସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଜାରି ରଖିଛି। ଗତ କିଛିମାସ ତଳେ ଦ୍ରୋଣ ମେହେରଙ୍କ ୧୨ବର୍ଷୀୟ ଝିଅ ଘର ଭିତରେ ଆତ୍ମହତ୍ୟା କରିଥିବା ବେଳେ ସେ ମାନସିକ ଚାପରେ ଏପରି କରିଥିବା ଲୋକେ ସନ୍ଦେହ କରୁଛନ୍ତି।

**ସଂକ୍ଷେପରେ**

## ମିନି ମାରାଥନ ପ୍ରସ୍ତୁତି ବୈଠକ

**ନୂଆପଡ଼ା ଅଫିସ,୧୦।୧୨:** ନୂଆପଡା ଜିଲା କୋମନା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିଧାନ ସଭା ଯୁବ କଂଗ୍ରେସ ସଭାପତି ଶାହାରୁଖ ଖାନଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ୬ଷ୍ଠ ତମ ଜିଲାସ୍ତରୀୟ ମିନି ମାରାଥନ ଯୁବ କଂଗ୍ରେସ ଦ୍ୱାରା କରିବା ପାଇଁ କର୍ମୀମାନଙ୍କୁ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଜିଲାର କୋଣ ଅନୁକୋଣର କ୍ରୀଡା ପ୍ରେମୀ, ଯୁବକମାନଙ୍କୁ ଶାରିରୀକ ବିକାଶ କ୍ଷେତ୍ରରେ ଏହି ମାରାଥନ ସମସ୍ତଙ୍କୁ ଉତ୍ସାହ ବଢାଇବା ପାଇଁ ଖୋରାକ ଯୋଗାଇବାରେ ସହାୟକ ହୋଇଆସୁଛି। ଯୁବ କଂଗ୍ରେସର ପ୍ରୟାସ ଅତ୍ୟନ୍ତ ପ୍ରଂଶସନୀୟ ବୋଲି ସ୍ଥାନୀୟ ବୃଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି। ବୈଠକରେ କୋମନା ବ୍ଲକ କଂଗ୍ରେସ କମିଟି ସଭାପତି କୈଳାସ ଚନ୍ଦ୍ର ବାଗ, ଜିଲା ଯୁବ କଂଗ୍ରେସ ଉପସଭାପତି ଅମିତ କୁମାର ଅହିର, ଜିଲା ଯୁବ କଂଗ୍ରେସ ସମ୍ପାଦକ ଜୟଦେବ ମାଝି, ଯୁବ ନେତା ଶିବ ନିଆଲ, ରାକେଶ ବନଛୋର, ଆନନ୍ଦ ସାହୁ, ବିଝୁ ଖାନ, ରାକେଶ ସିନ୍ଧେ, ହରେକୃଷ୍ଣ ଦୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

## କୁରାଳ ପଞ୍ଚମୀ ପର୍ବ ସମ୍ପନ୍ନ

**ପଲମ,୧୦।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ୍ ମୁଡିଙ୍ଗ ପଞ୍ଚାୟତସ୍ଥିତ କର୍ଲାବାହାଲି ଗ୍ରାମର ଧରଣୀପୀଠ ତଥା ଧବଳେଶ୍ୱର ମନ୍ଦିରରେ ରଣା ସମ୍ପ୍ରଦାୟର ମହିଳା ଓ ପୁରୁଷମାନଙ୍କ ଦ୍ୱାରା କୁରାଳ ପଞ୍ଚମୀ ଉତ୍ସବ ବୁଧବାରଠାରୁ ଶୁକ୍ରବାର ପର୍ଣ୍ଣାହୁତି ହୋଇଯାଇଛି। ଧବଳେଶ୍ୱର ମହାଦେବଙ୍କ ପୂଜକ ନରେନ୍ଦ୍ର ରଣାଙ୍କ ତ୍ତାବଧାନରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଥିଲା। କର୍ତ୍ତା ଭାବେ ଦୁର୍ବାଦଳ ରଣା ଓ ତୁଳାବତୀ ରଣା ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନା କରିଥିଲେ। ବୁଧବାର ଲକ୍ଷ୍ମୀନାରାୟଣ ପୂଜା ପରେ କୁରାଳ ଅଷ୍ଟଚକ୍ର ପୂଜା କରାଯାଇ କୁରାଳ ପୁରାଣ ପାଠ କରାଯାଇଥିଲା। ଶୁକ୍ରବାର ପୂଜା ପର୍ଣ୍ଣାହୁତି ହୋଇ ଅନ୍ନପ୍ରସାଦ ସେବନ କରାଯାଇଥିଲା।

## ରେଣ୍ଡୋ ମାଝି ଜୟନ୍ତୀ ପାଳିତ

**କୋକସରା,୧୦।୧୨(ଡି.ଏନ.ଏ.):** ଏସ୍‌ଟି, ଏସସି ଓ ପଛୁଆ ଜାତି ମିଳିତ ମଞ୍ଚ କୋକସରାରେ ବ୍ଲକସ୍ତରୀୟ ୭୩ ତମ ମାନବିକ ଅଧିକାର ଦିବସ ଏବଂ ଶହୀଦ ବିପ୍ଳବୀ ସାଧୀନତା ସଂଗ୍ରାମୀ ରେଣ୍ଡୋ ମାଝିଙ୍କ ୧୬୬ତମ ଶହୀଦ ଦିବସ କୋକସରା ଗୁଡହାଣ୍ଡି ମଞ୍ଚରେ ପାଳିତ ହୋଇଯାଇଛି। ଶହୀଦ ରେଣ୍ଡୋ ମାଝିଙ୍କ ଫଟୋଚିତ୍ରରେ ଉପସ୍ଥିତ ଅତିଥିମାନେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସାମାଜିକ କର୍ମୀ ଧବଳେଶ୍ୱର ନାଗ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କେଶଚନ୍ଦ୍ର ନାଏକ ଓ ମୁଖ୍ୟବକ୍ତା ରାମଚନ୍ଦ୍ର ପାଣିଗ୍ରାହୀ, ଚିନିଲାଲ ବାଗ ମୁଖ୍ୟ ଆୟୋଜକଥିଲେ। ଆଦିବାସୀ ଶହୀଦ ରେଣ୍ଡୋ ମାଝିଙ୍କ ଜୟନ୍ତୀ ପାଳନ ଅବସରରେ ପୁରୁଷୋତ୍ତମ ମହାନନ୍ଦ, ମନୁରାମ ହଂସ, ଜୟରାମ ମହାନନ୍ଦ, ଗଣେଶ ରଣା, ଅର୍ଜୁନ ରଣା ସମେତ ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ରହି ଶହୀଦ ମାଝିଙ୍କ ସ୍ମୃତି ଚାରଣ କରିଥିଲେ। ଏହା ସହ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ସିଡିଏସ୍ ଜେନେରାଲ ବିପିନ ରାୱତ୍ ଏବଂ ଅନ୍ୟ ବୀର ଜବାନଙ୍କ ଅମର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ବିଶ୍ୱ ମାନବିକ ଅଧିକାର ଦିବସ ପାଳିତ

**ସିନାପାଲି,୧୦।୧୨(ଡି.ଏନ.ଏ.):** ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଖଇରପଦରଠାରେ ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ ଏବଂ ଆମ୍ବେଡକର ଶ୍ରମିକ ଅଧିକାର ମଞ୍ଚ ଆନୁକୂଲ୍ୟରେ ବିଶ୍ୱ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି। ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ ପ୍ରତିଷ୍ଠାତା ଖୁଟୁରାମ ସୁନାନିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଣ୍ଡ ସମାଜ ସଭାପତି ପ୍ରସନ୍ନ କୁମାର ମାଝି ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ମେଘନାଦ ଖର୍ସେଲ, ସମ୍ମାନିତ ଅତିଥି ଭାବେ ଖଇରପଦର ସମିତି ସଭ୍ୟ ରାମେଶ୍ୱର ମାଝି, ଜଗଦିଶ ମାଝି, ଦିଗାମ୍ବର ମାଝି, ଶୋଭାରାମ ମହାନନ୍ଦ, ସୁରେନ୍ଦ୍ର ସୁନାନୀ, ଧର୍ମୁଲାଲ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ମାନବିକ ଅଧିକାର ଉପରେ ଲୋକଙ୍କୁ ବୁଝାଇ ନିଜର ହକ ଅଧିକାର ପାଇଁ ଲଢ଼ିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଶତାଧିକ ଜନସଧାରଣ ସାମିଲ ହୋଇଥିଲେ।

# ହାତୀ ଉପଦ୍ରବ: ସ୍କୁଲ ପାଚେରି ଭାଙ୍ଗିଲେ

**ଲୋଇସିଂହା,୧୦।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବନାଞ୍ଚଳରେ ହାତୀ ଉପଦ୍ରବ ଥମିବାର ନା ନେଉନାହିଁ। ଗତ ଦୁଇ ସପ୍ତାହ ହେଲା ପ୍ରତିଦିନ ହାତୀପଲ ଘରଦ୍ୱାର ଭାଙ୍ଗିବା ସହ ଫସଲ ନଷ୍ଟ କରୁଥିବାର ଅଭିଯୋଗ ହେଉଛି। ହାତୀ ଉପଦ୍ରବରେ ଲୋକେ ଅତିଷ୍ଠ ହୋଇପଡିଥିବାବେଳେ ବନବିଭାଗ ଅସହାୟ ହୋଇ ପଡିଛନ୍ତି। ଭାଲୁପାଲି ନିକଟସ୍ଥ ଭାଲୁଡୁଙ୍ଗରୀରେ ହାତୀ ପଲ ଦିନବେଳା ଡେରା ପକାଇ ସନ୍ଧ୍ୟା ହେଲେ ଗାଁମୁହାଁ ହେଉଛନ୍ତି। ଗୁରୁବାର ରାତିରେ ଭାଲୁପାଲି ଗାଁ ମୁଣ୍ଡରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ମୁଖ୍ୟଦ୍ୱାରକୁ ତାଡି ସ୍କୁଲ



ଭାଲୁପାଲି ସ୍କୁଲର ଭାଙ୍ଗିଥିବା ପାଚେରି।

ପରିସରକୁ ପଶିଥିଲେ। ସ୍କୁଲ ପାଚେରି ଭାଙ୍ଗିବା ସହ ସ୍କୁଲ ପରିସରରେ ଥିବା କଦଳୀ ଗଛ ଓ ପରିବା ଚାଷକୁ ନଷ୍ଟ କରିଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ବାଦିବାହଲ ଗାଁର ପୂର୍ବତନ ସରପଞ୍ଚ ହୃଦୟାନନ୍ଦ ବେହେରାଙ୍କ କୁକୁଡା ଫାର୍ମରେ ହାତୀ ଟାର୍ଗେଟ କଲା ପରି ତୃତୀୟ ଦିନରେ ଫାର୍ମରେ ଭଙ୍ଗା ରୁଜା କରିଛନ୍ତି। ଗତ ରାତିରେ ଫାର୍ମର ରୋଷେଇ ଘରକୁ ପଶି ଡାଲି ଖାଇବା ସହ ଅନ୍ୟ ଏକ କୋଠରୀରକୁ ଭଙ୍ଗାରୁଜା କରିଛନ୍ତି। ସେହି ରାତିରେ ଗ୍ରାମର ସେଠପଡାସ୍ଥିତ ନଳକୂପ ନିକଟକୁ ଯାଇ ହାତୀ ଉପଦ୍ରବ କରିବା ସହ ଗର୍ଜନ କରିଥିଲେ। ରାତିରେ ଗାଁର ଚତୁଃପାର୍ଶ୍ୱରେ ହାତୀ ଘୁରି ବୁଲୁଥିବାରୁ ଗ୍ରାମବାସୀ ଉଜାଗରରେ ରହୁଥିବା କହିଛନ୍ତି। ହାତୀ ସନ୍ଧ୍ୟା ୭ରୁ ପୂର୍ବ ସକାଳ ସାଢେ ୬ଟା ସୁଦ୍ଧା ବାଦିବାହାଲ ଗାଁ ଛାଡୁ ନ ଥିବାରୁ ଗ୍ରାମବାସୀ ଭୟଭୀତ ହୋଇପଡିବା ସହ ଜୀବନଯାତ୍ରାରେ ପ୍ରଭାବ ପଡିଥିବା କହିଛନ୍ତି।

# ଚିକିତ୍ସା ଅବହେଳାରୁ ନବଜାତକ ଶିଶୁ ମୃତ

**ନୂଆପଡ଼ା ଅଫିସ,୧୦।୧୨**

ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ମାତୃ ଶିଶୁ କେନ୍ଦ୍ରରେ ଚିକିତ୍ସା ଅବହେଳାରୁ ଏକ ମୃତ ଶିଶୁ ଜନ୍ମ ହେବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ବରଗଡ ଜିଲା ପାଇକମାଲ ବ୍ଲକ ବରତୁଣ୍ଡା ଗ୍ରାମର ଇମରାନ ଖାନ (୩୪) ତାଙ୍କ ସ୍ତ୍ରୀଙ୍କୁ ଗତ ୪ ତାରିଖରେ ଏଠାରେ ଭର୍ତ୍ତି କରିଥିଲେ। ଚିକିତ୍ସାଳୟରେ ଭର୍ତ୍ତି କରିବା ଦିନଠାରୁ କୌଣସି ଚିକିତ୍ସା ନ କରି କେବଳ ଶିଶୁର ସ୍ୱାସ୍ଥ୍ୟ ଠିକ ଅଛି ବୋଲି କହିଥିଲେ ବୋଲି ପରିବାର ଅଭିଯୋଗ କରିଛନ୍ତି। ଏପରିକି ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତୀ ବିଭାଗ ବିଶେଷଜ୍ଞ ଡାକ୍ତରଙ୍କୁ ସେମାନେ ଅନୁରୋଧ କରିଥିଲେ ମଧ୍ୟ ମୁଁ ତାଙ୍କୁ ଛୁଇଁବି ନାହିଁ ବୋଲି ମନା କରି ଦେଇଥିବା ଅଭିଯୋଗ କରିଛନ୍ତି। କିନ୍ତୁ ଶୁକ୍ରବାର ସକାଳେ ହଠାତ ଅସ୍ତ୍ରୋପଚାର କରି ଶିଶୁକୁ ବାହାର କରିବା ପାଇଁ ପଡିବ ବୋଲି କହିଥିଲେ ଓ ଏକ ମୃତ ଶିଶୁ ଜନ୍ମ ହୋଇଥିବା ଜଣାପଡିଥିଲା। ଏହାକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇଁ ନୂଆପଡା ସଦର ଥାନା ପୋଲିସ ପହଞ୍ଚି ଉତ୍ୟକ୍ତ ପରିବାରବର୍ଗଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ବହୁ ସମୟ ଧରି ଜିଲା ମଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ଲାଗି ରହିଥିଲା। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କାଳିପ୍ରସାଦ ବେହେରାଙ୍କୁ ପଚାରିବାରୁ ଏ ସମ୍ପର୍କରେ ମୁଁ ମଧ୍ୟ ଏବେ ଅବଗତ ହୋଇଛି। ଏହାର ତଦନ୍ତ କରି ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ବିଦ୍ୟୁତ୍ କର୍ମଚାରୀ ସଂଘ ବାର୍ଷିକ ଅଧିବେଶନ

**ଭବାନୀପାଟଣା,୧୦।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ବିଦ୍ୟୁତ୍ କର୍ମଚାରୀ ସଂଘର ୨୦୨୧-୨୨ ବାର୍ଷିକ ଅଧିବେସନ ଭବାନୀପାଟନାସ୍ଥିତ ଅମଳା ଭବନରେ ଅନୁଷ୍ଠିତ ହୋଇଯାଇଛି। ସୁଦର୍ଶନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର ଅନେକ ଠିକାଶ୍ରମିକ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ସାହୁ ସଭା ପରିଚାଳନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ସଙ୍ଗଠନକୁ ସୁଦୃଢ କରିବା ପାଇଁ ଉପସ୍ଥିତ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦିଆଯାଇଥିଲା। ସେହିପରି ଟିପିଡବ୍ଲୁଓଡିଏଲ ପାଖରେ ପଡିରହିଥିବା ଦାବିପତ୍ର ତଥା ଠିକା ଶ୍ରମିକଙ୍କ ସ୍ଥାୟୀ, ମୃତ୍ୟୁ ରଣ କରିଥିବା ଶ୍ରମିକ/କର୍ମଚାରୀଙ୍କ ଉତ୍ତରାଧିକାରୀ ଜଣକୁ କର୍ମନିଯୁକ୍ତି ଦେବା ଓ ଅନ୍ୟ ଦାବି ଉପରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ନ୍ୟାର୍ଯ୍ୟ ଦାବିଗୁଡିକ ପୂରଣ ନ ହେଲେ ଗଣତାନ୍ତ୍ରିକ ଉପରେ ଧର୍ମଘଟ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ୨୦୨୧-୨୨ ବର୍ଷ ପାଇଁ ସଂଘ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲା। ଏଥିରେ ସଭାପତି ଭାବେ ଶରତ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମାଝି, କାର୍ଯ୍ୟକାରୀ ସଭାପତି ଭବାନୀ ଶଙ୍କର ସାହୁ, ଉପସଭାପତି ସୁଜିତ ନାଗ,ଦିବାକର ସାହୁ, ଯୁଗ୍ମ ସମ୍ପାଦକ ଜ୍ୟୋର୍ତିମୟ ପୁହାଣ, କର୍ଣ୍ଣ ଶବର, ସାଙ୍ଗଠାନିକ ସମ୍ପାଦକ ପୀତାମ୍ବର ନାଗ, କୋଷାଧ୍ୟକ୍ଷ ବିପିନ ପଟୁଆ, ବିଭାଗୀୟ ସମ୍ପାଦକ ଧିରଜ ସିଂ ଠାକୁର, ତ୍ରିଲୋଚନ ନାୟକ ଦୀପକ ଜେନା, ଅଡିଟର ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ମୋନାଲିସା ସ୍ୱାଇଁ, ଉପଦେଷ୍ଟା ଭାବେ ପ୍ରଭାକର ଦ୍ୱିବେଦୀ ଓ ଅରୁଣ ଦାସ ରହିଛନ୍ତି।




ବାର୍ଷିକ ଅଧିବେଶନରେ ମଞ୍ଚାସୀନ ଅତିଥି।

# ସତ୍ୟନାରାୟଣ ବେହେରା ଶ୍ରଦ୍ଧାଞ୍ଜଳି ସମାରୋହ



ସ୍ୱର୍ଗତ ସତ୍ୟନାରାୟଣ ବେହେରା ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି।

**ବଲାଙ୍ଗୀର ଅଫିସ, ୧୦।୧୨**

**ସେ ଥିଲେ କଳା, ସାହିତ୍ୟ, ସଂସ୍କୃତି ଓ ସାମ୍ବାଦିକତାର ସ୍ୱର୍ଣ୍ଣିମ ସ୍ୱାକ୍ଷର**

ଜୀବନର ଦୀର୍ଘ ୬୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସାମ୍ବାଦିକତା, କଳା, ଅଭିନୟ, ସାରସ୍ୱତ ସାଧନା କ୍ଷେତ୍ରରେ ସକ୍ରିୟ ରହିଥିବା ବରିଷ୍ଠ ସାମ୍ବାଦିକ, ବିଶିଷ୍ଟ କଳାକାର, ସଂସ୍କୃତି ଗବେଷକ ସ୍ୱର୍ଗତ ସତ୍ୟନାରାୟଣ ବେହେରାଙ୍କୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଶୁକ୍ରବାର ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘ ସଭାପତି ହରିନାରାୟଣ ପୂଜାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥି ବକ୍ତାମାନେ ସ୍ୱର୍ଗତ ବେହେରାଙ୍କ ବହୁମୁଖୀ ପ୍ରତିଭା, ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ପ୍ରେସ୍ ଆଟାଚି ଭାବେ କାର୍ଯ୍ୟ କରିଥିଲେ। ଟିମିନିଭାଟିପଡା ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠାରେ ତାଙ୍କର ବିଶେଷ ଭୂମିକା ରହିଥିଲା। ବଲାଙ୍ଗୀରରେ ନାଟକ ଶତବାର୍ଷିକୀ, ଜିଲା ଲେଖକ ସମ୍ମିଳନୀ, ପୃଥ୍ୱୀରାଜ ହାଇସ୍କୁଲ ଶତବାର୍ଷିକୀ ଆୟୋଜନରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚଳଚ୍ଚିତ୍ର ଭୂଖାରେ ସେ ନିଖୁଣ ଅଭିନୟ କରିଥିଲେ। ଏହା ସହିତ ଟେଲିଫିଲ୍ମ ଓ ବହୁ ମଞ୍ଚ ନାଟକରେ ସେ ଅଭିନୟ କରି ନିଜର କଳାଦକ୍ଷତା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସଂଘ ସାଧାରଣ ସମ୍ପାଦକ ବଳରାମ ମିଶ୍ର, ଉପସଭାପତି ଆନନ୍ଦ ଚନ୍ଦ୍ର ସାହୁ, ସାଙ୍ଗଠନିକ ସମ୍ପାଦକ ଶରତ ଚନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ସୁନୀଲ ମହାନ୍ତି, ସୁବାସ ଚନ୍ଦ୍ର ପଣ୍ଡା, ଗୋପବନ୍ଧୁ ଶତପଥି, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଡ. ଶ୍ରୀକର ମିଶ୍ର, ସୁଧୀର କୁମାର ପଣ୍ଡା, ଅର୍କେଶ ନାରାୟଣ ସିଂହଦେଓ, ସନ୍ତୋଷିନୀ ବେହେରା, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଲକ୍ଷ୍ମଣ କୁମାର ପଣ୍ଡା, ଲକ୍ଷ୍ମଣ ମେହେର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଶାୟତ, ଭାଗିରଥି ମିଶ୍ର, ସୁଧୀର ମିଶ୍ର, ପ୍ରତାପ ଚନ୍ଦ୍ର ରଥ, ଜୟରାମ ମିଶ୍ର, ରଘୁନନ୍ଦନ ସିଂ, ଧନଞ୍ଜୟ ମିଶ୍ର, ରାଜେନ୍ଦ୍ର ପାଣିଗ୍ରାହୀ, ନବକିଶୋର ବେହେରାଙ୍କ ସମେତ ବହୁ ବୁଦ୍ଧିଜୀବୀ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହି ଉପଲକ୍ଷେ ସ୍ୱର୍ଗତ ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରକାଶିତ 'ନିଷ୍କାମ କର୍ମଯୋଗୀ' ପୁସ୍ତକ ଲୋକାର୍ପିତ ହୋଇଥିଲା । ସଭାକୁ ବୀରେନ୍ଦ୍ର କୁମାର ଝାଙ୍କର ପରିଚାଳନା କରିଥିଲେ। ଏହି ସମାରୋହରେ ପୂର୍ବତନ ବିଧାୟକ ରମାକାନ୍ତ ସେଠ, ପଦ୍ମଚରଣ ଆଚାର୍ଯ୍ୟ, ସନ୍ଦୀପ କୁମାର କୁଅଁର, ଧର୍ମେନ୍ଦ୍ର ପ୍ରସାଦ ନନ୍ଦ, ପ୍ରଭାକର ମିଶ୍ର, ଦୀପକ କୁମାର ପୁରୋହିତ, ଅଭିଲାଷ ହୋତା, ସୁଶାନ୍ତ ବାରିକ, ବୃନ୍ଦାବନ ବରାଳ, ଗୋପାଳଜୀ ପାଣିଗ୍ରାହୀ ଓ ଡ. ସୁଜିତ କୁମାର ପୃଷେଠ୍‌ଙ୍କ ସହ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମାରୋହ ଆରମ୍ଭ

**ଲୋଇସିଂହା,୧୦।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ଗ୍ରାମର ନବ ନିର୍ମିତ ଜଗନ୍ନାଥ ମନ୍ଦିର ପଞ୍ଚଦିବସୀୟ ପ୍ରତିଷ୍ଠା ସମାରୋହ ଗୁରୁବାର ଆରମ୍ଭ ହୋଇଛି । ଶ୍ରୀଧାମବୃନ୍ଦବନର ପଣ୍ଡିତ ଆଚାର୍ଯ୍ୟ ବାଲମୁକୁନ୍ଦ ଜୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହେଉଛି। ଶୁକ୍ରବାର ପୂଜାରମ୍ଭ,ସୂର୍ଯ୍ୟପୂଜା, ମଣ୍ଡପ ପ୍ରତିଷ୍ଠା ଓ ପଞ୍ଚକୁଣ୍ଡିୟ ଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ଚର୍ତୁଦିବସୀୟ ଭାଗବତ କଥା ଓ ଗୋପଲିଳା ପାରାୟଣ କରାଯାଉଛି। ଗ୍ରାମର ଶତାଧିକ ମହିଳା ଓ ପୁରୁଷଙ୍କୁ ନେଇ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଜ୍ୟୋତି ପ୍ରକାଶ ସାହୁଙ୍କ ସଂଯୋଜନାରେ କବିତା ଆସର ଆୟୋଜିତ ହୋଇଥିଲା। ଏଥିରେ ୨୩ କବିୟିତ୍ରୀ ଓ କବି କବିତ ପାଠ କରିଥିଲେ। ପଣ୍ଡିତ ଆଚାର୍ଯ୍ୟ ବାଲମୁକୁନ୍ଦଜୀ ମହାରାଜ ଉପସ୍ଥିତ କବିଙ୍କୁ ସମ୍ମାନିତ କରିଥିଲେ।

## ବିହନ ବିଶୋଧନ ତାଲିମ ଶିବିର

**ପଲମ,୧୦।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଗିଗିନା ପଞ୍ଚାୟତସ୍ଥିତ ସିନାଙ୍ଗ ଗ୍ରାମଠାରେ କୃଷି ବିଭାଗସ୍ତରୀୟରୁ ବିହନ ବିଶୋଧନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲିମରେ କୃଷି କର୍ମଚାରୀ ଜ୍ୟୋସ୍ନା ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ତାଲିମ ଶିବିର ଆଭିମୁଖ୍ୟ ପ୍ରତିପାଦନ କରିଥିଲେ। ତାଲିମରେ ପ୍ରଶିକ୍ଷକ ଘଁଟମାଲ ଏଏଓ ଉସବ ବିହାରୀ ଯୋଗଦାନ କରିଥିଲେ। ଇନ୍ଦ୍ରମାଲର ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପାଦିକା ସୁଲତା ସାହୁ, ସଭାପତି ଅହଲ୍ୟା ସାହୁ ପ୍ରମୁଖ ବିହନ ବୁଣିବା ପୂର୍ବରୁ ବିହନକୁ କିପରି ବିଶୋଧନ କରାଯିବ ସେ ବିଷୟରେ ଚାଷୀଙ୍କୁ ବୁଝାଇଥିଲେ। ଅନ୍ୟ ଅଧିକାରୀମାନଙ୍କ ମଧ୍ୟରେ ନର୍ଲା ବ୍ଲକ କୃଷି ଅଧିକାରୀ ରଜତ ମିଶ୍ର ଯୋଗଦେଇ ବିହନ ବିଶୋଧନର ଗୁରୁତ୍ୱ ପ୍ରତିପାଦନ କରିଥିଲେ। କାର୍ଯ୍ୟକ୍ରମରେ ଗିଗିନା କୃଷକ ସାଥି ଧନେଶ୍ୱର ମାହାର ଓ ସୁରେନ୍ଦ୍ର ମାହାର ସହଯୋଗ କରିଥିଲେ। ଏଥିରେ ୫୦ଜଣ ମହିଳା ଓ ପୁରୁଷ ଚାଷୀ ସାମିଲ ହୋଇଥିଲେ।

# ରେଣ୍ଡୋ ମାଝିଙ୍କ ଶହୀଦ ଦିବସ ପାଳିତ

**ମ.ରାମପୁର,୧୦।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ମହାନ ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝିଙ୍କ ୧୬୬ତମ ଶହୀଦ ଦିବସ ତଥା ବିଶ୍ୱ ମାନବାଧିକାର ଦିବସ ଜିଲା ଆଦିସ୍କନ୍ଦ ସମାଜ, ମାନବାଧିକାର ସଙ୍ଗଠନ, ମିଳିତ କ୍ରୀୟାନୁଷ୍ଠାନ କମିଟି, ବିବେକ ସେନା ଆଦି ସଙ୍ଗଠନର ମିଳିତ ଉଦ୍ୟମରେ ମ.ରାମପୁରସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଆଦିସ୍କନ୍ଦ ସମାଜ ଉପସଭାପତି ଧନସିଂ ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ସମ୍ପାଦକ ଦ୍ରୋଣାଚାର୍ଯ୍ୟ ମାଝି ଅତିଥିଙ୍କ ପରିଚୟ କରିଥିଲେ। ସଭାରେ ଆଦିସ୍କନ୍ଦ ସମାଜ ସଭାପତି ପଦମ ସିଂ ମାଝି, କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ଯତିନ୍ ସାହୁ, ମାନବ ସୁରକ୍ଷା ସଙ୍ଗଠନ ରାଜ୍ୟ ସଂଯୋଜକ ଅମରେଶ ମହାପାତ୍ର, ଆଦବାସୀ ଜିଲା ସଂଘ ଉପଦେଷ୍ଟା ସମ୍ରାଟ ମାଝି, ବିବେକ ସେନା ପ୍ରତିଷ୍ଠାତା ଶିବରାମ ନାୟକ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ବୁଧେନ୍ଦ୍ର ପ୍ରତାପ ସିଂହଦେଓ, ସେବାଜଗତ ସମ୍ପାଦକ ସତ୍ୟ ନାରାୟଣ ପଟ୍ଟନାୟକ, ବିବେକ ସେନା ସଭାପତି ମୋହନ ଭଟ୍ଟ, ବିବେକ ସେନା ଜିଲା ସଭାପତି ଦୀପକ ସାହୁ, ପୂର୍ବତନ ସରପଞ୍ଚ ଇଭାମୟୀ ମାଝି, ମାନବ ସୁରକ୍ଷା ସଙ୍ଗଠନ ନର୍ଲା ସଭାପତି ପଦ୍ମନାଭ ମହାଖୁଡ, ନର୍ଲା ଆଦିସ୍କନ୍ଦ ସମାଜ ଦେବରାଜ ପାଟ୍ଟ ମାଝି, ଜିଲା ଆଦିବାସୀ ସଂଘ ସମ୍ପାଦକ ମହେଶ୍ୱର ମାଝି, ଉପସଭାପତି ବେଣୁଧର ମାଝି, ବରିଷ୍ଠ ଖବରଦାତା ଶଶିଭୂଷଣ ପ୍ରହରାଜ ପ୍ରମୁଖ ଶହୀଦ ମାଝିଙ୍କ ସ୍ମୃତିଚାରଣ କରିବା ସହିତ ମ.ରାମପୁରକୁ ରାଜସ୍ୱ ଉପଖଣ୍ଡ ଘୋଷଣା ପାଇଁ ଯୁକ୍ତିଯୁକ୍ତ ଉପସ୍ଥାପନା କରିଥିଲେ। ଭୁବନେଶ୍ୱରଠାରୁ କଳାହାଣ୍ଡି ଜିଲା ଜୁନାଗଡ ସହରକୁ ଚଳାଚଳ କରୁଥିବା ଦୈନିକ ଟ୍ରେନର ନାମକରଣ ଶହୀଦ ରେଣ୍ଡୋ ମାଝିଙ୍କ ନାମରେ କରିବା ପାଇଁ ଦାବି କରିଥିଲେ। ସଭାପୂର୍ବରୁ ଚାରି ସଙ୍ଗଠନ କର୍ମୀମାନେ ଚାରିଛକଠାରୁ ସହର ପରିକ୍ରମା କରି ସମାବେଶସ୍ଥଳରେ ପହଞ୍ଚି ଥିଲେ।



ମଞ୍ଚରେ ଉପସ୍ଥିତ ଅତିଥିବୃନ୍ଦ।

# ଜଳ ଯୋଗାଣ ପ୍ରକଳ୍ପ କାମ ବନ୍ଦ କଲେ ଗ୍ରାମବାସୀ

**ଲୋଇସିଂହା,୧୦।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିମୁଣ୍ଡା ଗ୍ରାମକୁ ପାଇପ ଜଳ ଯୋଗାଣ ପାଇଁ ଆର୍‌ଡବ୍ଲୁଏସ୍‌ଏସ୍‌ବିଭାଗ ପକ୍ଷରୁ କାମ ଆରମ୍ଭ ହୋଇଛି। ୮୦ ଲକ୍ଷ ୨୨ ହଜାର ୧୭୦ ଟଙ୍କା ବ୍ୟୟରେ ପ୍ରଥମ ଦଫାରେ ପାଇପ ଲାଇନ ଏବଂ ଓରହେଡ ଟାଙ୍କି କାମ ଚାଲିଛି। ହେଲେ ପ୍ରଥମେ ପ୍ରକଳ୍ପର କୂଅ ଖୋଳିବା ଦାବି କରି ପ୍ରକଳ୍ପ କାମକୁ ଗ୍ରାମବାସୀ ବନ୍ଦ କରି ଦେଇଛନ୍ତି ବାଦିମୁଣ୍ଡା ପଞ୍ଚାୟତର ସଦର ଗାଁ । ୨ ୱାର୍ଡ ବିଶିଷ୍ଟ ଗ୍ରାମର ଜନସଂଖ୍ୟା ପ୍ରାୟ ୭ ଶହ। ବାଦିମୁଣ୍ଡା ଏକ କିଡ୍‌ନୀ ପ୍ରଭାବିତ ଗାଁ। ଗ୍ରାମର ବହୁ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ଅଛନ୍ତି। ଇତିମଧ୍ୟରେ ୫ରୁ ଅଧିକ ରୋଗୀଙ୍କ ମୃତ୍ୟୁ ହୋଇଥିବାବେଳେ ଚଳିତବର୍ଷ ୨ଜଣଙ୍କ ମୃତ୍ୟୁ ହୋଇଥିବା ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ। ଗାଁରେ କିଡ୍‌ନୀ ପ୍ରଭାବ ଜଣାପଡିବା ପରେ ୨୦୦୯ରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମ ବିକାଶ ତରଫରୁ ଗାଁରେ କୂଅ ଖୋଳି ପାଇପ ଜଳ ଯୋଗାଣ ପ୍ରକଳ୍ପ ବସା ଯାଇଥିଲା । ନିମ୍ନମାନର ପାଇପ ଲାଇନ କାମ ହୋଇଥିବାରୁ ଅଳ୍ପ ଦିନରେ ପ୍ରକଳ୍ପ ଅକାମୀ ହୋଇଯାଇଥିଲା। ପ୍ରକଳ୍ପର ସୁବିଧା ପାଇ ପାରି ନ ଥିଲେ ଗ୍ରାମବାସୀ। ସରକାରୀ ସ୍ତରରେ ପାଇପ ଜଳଯୋଗାଣ ପାଇଁ ଗ୍ରାମବାସୀ ଦାବି କରିଥିଲେ। ଏହି କ୍ରମରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଅନୁଦାନ ମିଳିବା ପରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାମ ଗୋଟିଏ ମାସ ହେଲା ଆରମ୍ଭ ହୋଇଛି। ବିନା ସୂଚନା ଫଳକରେ କାମ ହେଉଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରି କାମ ବନ୍ଦ କରି ଦେଇଥିଲେ। ଠିକାଦାର ସୂଚନା ଫଳକ ଲଗାଇ ପାଇପ ଲାଇନ ଓ ଓଭରହେଡ ଟାଙ୍କି କାମ କରୁଛନ୍ତି। ତେବେ ଗ୍ରାମ ବିକାଶ ପକ୍ଷରୁ ଏକ ଘରୋଇ ଜମିରେ ଖୋଳା ଯାଇଥିବା କୂଅରୁ ଜଳ ଯୋଗାଣ ନେଇ ଗ୍ରାମବାସୀ ସନ୍ଦେହ କରିଛନ୍ତି। ତେବେ କୂଅ ଘରୋଇ ସ୍ଥାନରେ ଥିବାରୁ ଭବିଷ୍ୟତରେ ବିବାଦ ସୃଷ୍ଟିହେବା ନେଇ ଗ୍ରାମବାସୀ ଆଶଙ୍କା କରିଛନ୍ତି। ପ୍ରଥମେ ପ୍ରକଳ୍ପର କୂଅ ଖୋଳିବା ଦାବିରେ କାମ ବନ୍ଦ କରିଥିବା ଜଣାଯାଇଛି।

# ବ୍ଲକସ୍ତରୀୟ ନିଯୁକ୍ତିମେଳା, ପରାମର୍ଶ ଶିବିର

**ଲାଞ୍ଜିଗଡ଼,୧୦।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ପ୍ରଶାସନ, ଜିଲା କର୍ମ ଓ ନିୟୋଜନ କାର୍ଯ୍ୟାଳୟ ଜିଲା ଦକ୍ଷତା ପରିଷଦ ତଥା ଲାଞ୍ଜିଗଡ ବ୍ଲକ ପ୍ରଶାସନର ମିଳିତ ଆନୁକୁଲ୍ୟରେ ଶୁକ୍ରବାର ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଅଧକ୍ଷ ଇଂ.ଫକୀର ମୋହନ ମାଝି ଯୋଗଦେଇଥିବା ବେଳେ ଅତିଥି ଭାବେ ଜିଲା ଶ୍ରମ ଓ ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ, ସମ୍ମାନିତ ଅତିଥି ଲାଞ୍ଜିଗଡ ବ୍ଲକ ଉପାଧ୍ୟକ୍ଷା ତୁଳସି ନାଏକ, ବଡିଓ ଜିତେନ୍ଦ୍ର କୁମାର ମିଶ୍ର, ସଂଯୋଜକ ଅଜିତ କୁମାର ରାୟ, ଶ୍ରୀମନ୍ତ ପଣ୍ଡା, ଅୟସକାନ୍ତ ବେହେରା, ଓଡିଶା ଜୀବିକା ମିଶନ ଲାଞ୍ଜିଗଡ ବ୍ଲକର ବିପିଏମ ସଞ୍ଜୀବ କୁମାର କହଁର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୧୪ଟି କମ୍ପାନୀ ଓ ନିଯୁକ୍ତିଦାତା ଭାଗ ନେଇଥିଲେ। ଲାଞ୍ଜିଗଡ ବ୍ଲକର ୨୬ଟି ପଞ୍ଚାୟତର ୨ଶହରୁ ଉର୍ଦ୍ଧ୍ୱ ନିଯୁକ୍ତି ଆଶାୟୀ ଯୁବତୀଯୁବକ ଆବେଦନ କରିଥିଲେ।

# ଦୀର୍ଘ ୫ବର୍ଷ ପରେ ରାସ୍ତା ମରାମତି

**କେସିଙ୍ଗା,୧୦।୧୨(ଡି.ଏନ.ଏ.)**

- ଉପକୃତ ହେଲେ ୬ ପଞ୍ଚାୟତବାସୀ
- ସ୍ଥାନୀୟ ଲୋକଙ୍କ ମଧ୍ୟରେ ଖୁସି

କଳାହାଣ୍ଡି ଜିଲା କେସିଙ୍ଗା ଓ ନର୍ଲା ବ୍ଲକ ସୀମାନ୍ତ ସରିଆ, ଘଣ୍ଟବାହାଲି, ବଡ଼ଝାରପୁର, କେଶପଲା, କେସିଙ୍ଗା, ଭବାନୀପାଟଣା ଆଦି ୬ଟି ପଞ୍ଚାୟତକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ରାସ୍ତା ଦୀର୍ଘ ୫ ବର୍ଷ ହେଲା ଶୋଚନୀୟ ଅବସ୍ଥାରେ ପଡିଥିଲା। ଏ ନେଇ ୬ଟି ପଞ୍ଚାୟତ ଲୋକମାନେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଦାବି କରି ଆସୁଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ୨୦୧୮-୧୯ ଆର୍ଥିକ ବର୍ଷରେ ଏହି ରାସ୍ତାଗୁଡିକ ସର୍ଭେ କରି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଇଥିଲେ। ରାଜ୍ୟ ସରକାର ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ୧.୮୦ଲକ୍ଷ ଅର୍ଥ ମଞ୍ଜୁରୀ କରିଥିଲେ। ଏହା ପରେ ପିଚୁ ରାସ୍ତା ମରାମତି କାମ ଗତ ଅକ୍ଟୋବରରେ ଆରମ୍ଭ ହୋଇ ଇତିମଧ୍ୟରେ ସମ୍ପୂର୍ଣ୍ଣ ହୋଇଯାଇଛି। ଏବେ ରାସ୍ତା ମରାମତି ଶେଷ ହୋଇଥିବାରୁ ଲୋକମାନେ ସୁବିଧାରେ ଗମନାଗମନ




ରାସ୍ତା ମରାମତି କରି ପିଚୁ ପକାଯାଉଛି।

କରିପାରୁଛନ୍ତି। ସୂଚନା ଯେ, କେଶପଲା ପିଡବ୍ଲୁଡ଼ି ରାସ୍ତାଠାରୁ କେଶପଲା ଗ୍ରାମ ଶେଷ ଯାଏ ୩.୯୦ କି.ମି., କେଶପଲା ପିଡବ୍ଲୁଡ଼ି ରାସ୍ତାଠାରୁ ବଡ଼ଝରପୁର ସଂଯୋଗ ୩.୬୬୫ କି.ମି., ସରିଆଠାରୁ ଘଣ୍ଟବାହାଲି ଗ୍ରାମକୁ ସଂଯୋଗ ୯.୧୫୩ କି.ମି. ରାସ୍ତା ଦୀର୍ଘ ୫ ବର୍ଷ ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଥିଲା। ଫଳରେ ୬ ପଞ୍ଚାୟତର ପ୍ରାୟ ୩୦ ହଜାର ଲୋକ ବର୍ଷା ଋତୁରେ ଗମନାଗମନ କ୍ଷେତ୍ରରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଦୀର୍ଘ ୫ ବର୍ଷ ହେଲା ବର୍ଷା ଋତୁରେ ଯିବାଆସିବାରେ ବହୁତ ଅସୁବିଧା ସମ୍ମୁଖୀନ ହେଉଥିଲୁ, କିନ୍ତୁ ବର୍ତ୍ତମାନ ଭଲ ଭାବେ ଯିବାଆସିବା କରିପାରୁଛୁ ବୋଲି ସରିଆ, ଘଣ୍ଟବାହାଲି, ବଡ଼ଝରପୁର, କେଶପଲା, କାଣ୍ଡେଲ, ବାଲସି ଆଦି ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ୱାର୍ଡ଼ମେମ୍ବର ଏବଂ ସ୍ଥାନୀୟ ଅଞ୍ଚଳବାସୀ କହିଥିଲେ। ଏ ସଂକ୍ରାନ୍ତରେ ନିର୍ବାହୀ ଯନ୍ତ୍ରୀ ଇ.ଅଜିତ କୁମାର ସିଂଙ୍କୁ ପଚାରିବାରୁ ସମସ୍ତ କର୍ମଚାରୀଙ୍କ ଉପସ୍ଥିତରେ ରାସ୍ତା କାମ ଠିକ ଭାବେ ନିର୍ମାଣ କରାଯାଇଛି ବୋଲି ପ୍ରକାଶ କରିଥିଲେ।

## ପଦ୍ମପୁରରେ କୁରାଳ ଚକ୍ରପୂଜା

ପଦ୍ମପୁର,(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର କଣ୍ଠାପଡାରେ କୁମ୍ଭକାର ସମ୍ପ୍ରଦାୟର ଆରାଧ ଦେବତା କୁରାଳ ଚକ୍ରପୂଜା ଅନୁଷ୍ଠିତ ହୋଇଛି। କୁମ୍ଭକାର ସଂଘ ଆନୁକୂଲ୍ୟରେ ତିନିଦିନ ବ୍ୟାପୀ ଏହି ପୂଜନୋତ୍ସବରେ ନାରାୟଣ ରଣା ଓ ନିରୁପମା ରଣା ଦମ୍ପତି କର୍ତ୍ତା ଭାବେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରତିଦିନ କୁମ୍ଭକାର ସମ୍ପ୍ରଦାୟର ଶତାଧିକ ମହିଳା ପୁରୁଷ ଧର୍ମଚକ୍ର ପୂଜାରେ ସାମିଲ ହୋଇଥିଲେ। ବଳରାମ ପଣ୍ଡା ଚକ୍ର ପୁରାଣ ସମ୍ପର୍କିତ ପ୍ରବଚନ ପ୍ରଦାନ କରିଥିଲେ। ସଂଘ ସଭାପତି ଝସକେତନ ରଣା, ସମ୍ପାଦକ ସୁନୀଲ ରଣା, କୋଷାଧକ୍ଷ କୀର୍ତ୍ତନ ରଣା ପ୍ରମୁଖ ସହଯୋଗ କରିଥିଲେ ।

**ସଂକ୍ଷେପରେ**

## ଯାତାୟାତ ସୁବିଧା ଦାବିରେ ରାସ୍ତାରୋକୋ



**ବରଗଡ଼ ଅଫିସ୍,୧୦।୧୨:** ବରଗଡ଼ ବ୍ଲକ ତୋରା ପଞ୍ଚାୟତ ଅନ୍ତର୍ଗତ ବାନ୍ଦେନଟିକ୍ରା, ନୂଆଖୁଲି ପଡ଼ାକୁ ଯାତାୟାତ ସୁବିଧା ନାହିଁ। ରେଳ ଧାରଣା, ଓଭର ବ୍ରିଜ୍ ଯୋଗୁ ସେମାନେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବିହିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛନ୍ତି। ମାତ୍ର ଏପର୍ଯ୍ୟନ୍ତ ଠୋସ୍ ପଦକ୍ଷେପ ନିଆଯାଇନାହିଁ। ଏଭଳି ଅଭିଯୋଗ ନେଇ ପଡ଼ାବାସୀ ଶୁକ୍ରବାର ବରଗଡ଼ ସହର ଉପକଣ୍ଠ ରେଲୱେ ଓଭରବ୍ରିଜ୍ ନିକଟରେ ରାସ୍ତାରୋକୋ କରିଥିଲେ। ପ୍ରଶାସନିକ ଅଧିକାରୀ ସଦାକର କୁମ୍ଭାର ସେଠାକୁ ପହଞ୍ଚି ଆଲୋଚନା କରିବା ସହିତ ବିହିତ ପଦକ୍ଷେପ ନେବାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ପଡ଼ାବାସୀ ରାସ୍ତାରୋକୋରୁ ଓହରିଥିଲେ ।

## ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ ପାଳିତ

**ବାଉଁଶୁଣୀ,୧୦।୧୨(ଡି.ଏନ.ଏ.):** ବୌଦ୍ଧ ଜିଲାସ୍ଥିତ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆ ଅଭିଯୋଗ ସେବା କେନ୍ଦ୍ର କାର୍ଯ୍ୟାଳୟଠାରେ ଶୁକ୍ରବାର ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ଏଥିରେ ବୌଦ୍ଧ ଜିଲା ସଂଯୋଜକ ପ୍ରଶାନ୍ତ କର୍ଣ୍ଣ, ଜିଲା ସହ ସଂଯୋଜକ ଦିବ୍ୟଲୋଚନ କର୍ଣ୍ଣ, ବୌଦ୍ଧ ବ୍ଲକ ସଂଯୋଜକ ସୁବେଦାର ଲଳିତ କୁମାର ସାହୁ, ହରଭଙ୍ଗା ବ୍ଲକ ସଂଯୋଜକ ଧନେଶ୍ୱର ମଣ୍ଡଳ, କଣ୍ଟାମାଳ ବ୍ଲକ ସଂଯୋଜକ କରୁଣାକର ଘଣ୍ଟୁଆଳ, ଅଫିସ ପରିଚାଳକ ତଥା ଯୁବ ସମାଜସେବୀ ଗୋପାଳ କ୍ରିଷ୍ଣା ଥପା କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ।

## ପାଇକମାଳରେ ପୁଷ୍ଟି ମହୋତ୍ସବ

**ପାଇକମାଳ,୧୦।୧୨(ଡି.ଏନ.ଏ):** ବରଗଡ ଜିଲା ପାଇକମାଳ ବ୍ଲକ ଅଧୀନ ବୁକୁରାମୁଣ୍ଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ଆନୁକୂଲ୍ୟରେ ଓଡ଼ିଶା ପୁଷ୍ଟି ମହୋତ୍ସବ ପାଳିତ ହୋଇଛି। ସୁଶ୍ରୀ ଟିକେଶ୍ୱରୀ ଦେବତା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଅଭିମନ୍ୟୁ ବରିହା ମୁଖ୍ୟଅତିଥି, ବିଏଲ୍ସି ରୋହିଣୀ ବରିହା, ସ୍ୱାସ୍ଥ୍ୟକର୍ମୀ କବିତାଞ୍ଜଳି ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଓଡିଶାରୁ ଅପପୁଷ୍ଟି ଦୂର କରିବା ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମା'ମାନଙ୍କୁ ସଚେତନ କରାଇ ଖାଦ୍ୟରେ ଥିବା ପୋଷକତତ୍ତ୍ୱ ଉପରେ ଅତିଥିମାନେ ବୁଝାଇଥିଲେ। ସମ୍ପାଦିକା ଦିପାଞ୍ଜଳି ଲୁହାର, ଏମ୍ବିକେ ପୁଷ୍ପାଞ୍ଜଳି ଭୋଇ, ଅଙ୍ଗନୱାଡ଼ି କର୍ମୀ ଧରିତ୍ରୀ ସାହୁ, ସିଆରପି ଅଯୋଧା ପ୍ରଧାନ, ରକୁଣୀ ସେଠ, ଲିନା ପ୍ରଧାନ, କୌଶଲ୍ୟା ପ୍ରଧାନ, ଯଜ୍ଞ ଦେବତା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଧାନ ଉଠାଣ ଦାବି, ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍,୧୦।୧୨**

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ୨ସପ୍ତାହ ବିତିଯାଇଛି। ଧାନ ଉଠାଣ ମନ୍ଥର ଗତିରେ ଚାଲିଥିବାରୁ ଚାଷୀଙ୍କୁ ବହୁ ହଇରାଣ ହେବାକୁ ପଡୁଛି। ମଣ୍ଡିକୁ ଧାନ ଆଣୁଥିଲେ ସୁଦ୍ଧା ତାକୁ ତୁରନ୍ତ କିଣାଯାଉନାହିଁ। ଟୋକନ ପାଇ ନ ଥିବାରୁ ଅନେକ ଚାଷୀଙ୍କ ଅମଳ ଧାନ କ୍ଷେତ ଓ ଖଳାରେ ପଡ଼ିଛି। ଜିଲାର ବରମକେଲା ଅଞ୍ଚଳର ଚାଷୀମାନେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଅମଳ ଧାନକୁ ସେମାନେ ବିକ୍ରି ପାଇଁ ମଣ୍ଡିକୁ ଆଣିଥିଲେ ସୁଦ୍ଧା ତାକୁ କିଣାଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଫଳରେ ଧାନ ଅମଳରେ ନିୟୋଜିତ ଶ୍ରମିକଙ୍କୁ ସେମାନଙ୍କ ପାରିଶ୍ରମିକ ଦେଇ ପାରୁନାହାନ୍ତି। ସେହିପରି ପରିବାର ଗୁଜୁରାଣ ଚଳାଇବା କଷ୍ଟସାଧ୍ୟ ହୋଇପଡ଼ିଛି ବୋଲି ଚାଷୀମାନେ କହିଛନ୍ତି। ତେଣୁ ମଣ୍ଡିରେ ପଡ଼ିଥିବା ଧାନ ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ଶୁକ୍ରବାର ବରମକେଲା ଅଞ୍ଚଳର ଚାଷୀମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। କେବଳ ବରମକେଲା ନୁହେଁ, ଜିଲାର ପ୍ରାୟ ସବୁ ଅଞ୍ଚଳରେ ଧାନ ଉଠାଣ ପ୍ରକ୍ରିୟା ଶିଥିଳ ହୋଇପଡ଼ିଥିବାରୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।



ଅତିରିକ୍ତ ଜିଲାପାଳ ଚାଷୀଙ୍କଠାରୁ ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

## ହାତୀପଲ ଦ୍ୱାରା ବ୍ୟାପକ ଧାନ ଫସଲ ନଷ୍ଟ

**ବାଉଁଶୁଣୀ,୧୦।୧୨(ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ବରଗାଁ ଅଞ୍ଚଳରେ ୧୫ଟି ହାତୀପଲ ବ୍ୟାପକ ଧାନ ଫସଲ ନଷ୍ଟ କରିଥିବା ଜଣାପଡ଼ିଛି। କଣ୍ଟାମାଳ ରେଞ୍ଜ ଅଧୀନ ବରଗାଁ ଗ୍ରାମ ପଞ୍ଚାୟତ କୁମେଲବନ୍ଧ ଗ୍ରାମରେ ଗୁରୁବାର ପାଚିଲା ଧାନ ବିଲରେ ପଶି ବ୍ୟାପକ ଧାନ ଖାଇଥିବା ବେଳେ ଅନେକ ଧାନ ଦଳି ନଷ୍ଟ କରିଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ କୁମେଲବନ୍ଧ ଗ୍ରାମର ଲିଙ୍ଗରାଜ ସାହୁଙ୍କ ଦୁଇ ଏକର୍ ଜମି ଠିକାରେ ନେଇ ଚାଷ କରିଥିବା ଲୋକନାଥ ଦିଗାଲ ଅମଳ ପାଇଁ ବିଲରେ ଥିବା ସମସ୍ତ ଧାନ ଖାଇଥିବା ଦେଖିବାକୁ ମିଳିଛି। ସେହିପରି ଅଇବନ ସାହୁ, ଶେଷଦେବ ସାହୁ, ସଦାନନ୍ଦ ସାହୁ ଓ ଭୀମସେନ ସାହୁଙ୍କ ବିଲରେ ପଶି ଅନେକ ଧାନ ଫସଲ ଉଜା ଦେଇଥିବା ଅଭିଯୋଗ ହୋଇଛି। ବନ ବିଭାଗ ତଦନ୍ତ କରି କ୍ଷତିପୂରଣ ପ୍ରଦାନ କରିବାକୁ ଚାଷୀମାନେ ଦାବି କରିଛନ୍ତି।

## କଲେଜ ପରିସର ସଫେଇ କଲା ବିଜୁ ଛାତ୍ର ଜନତା ଦଳ

**ଜାମଟିକ୍ରା, ୧୦।୧୨(ଡି.ଏନ.ଏ.)**

ଅତାବିରା କଲେଜ ପରିସରକୁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସଫେଇ କରାଯାଇଛି। ଅତାବିରା କଲେଜ ପରିସର ବହୁଦିନ ଧରି ଘାସଲଟା ପୂର୍ଣ୍ଣ ହୋଇପଡିଥିଲା। ଏଭଳି ଅସ୍ୱାସ୍ଥ୍ୟକର ପରିବେଶ ଦେଖି ସ୍ଥାନୀୟ ବିଜୁ ଛାତ୍ର ଜନତା ଦଳର ସଦସ୍ୟ ସଞ୍ଜୀବ ଦାସଙ୍କ ନେତୃତ୍ୱରେ ଶୁକ୍ରବାର କଲେଜ ପରିସରକୁ ସଫେଇ କରାଯାଇଥିଲା। କଲେଜର ଛାତ୍ରୀଛାତ୍ର, ଅତାବିରା ଏନଏସି ବିଜୁ ଯୁବ ଜନତା ଦଳ ସଭାପତି ମଣ୍ଟୁ ପଣ୍ଡା ଓ ଅଭିନାଶ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ତଦନ୍ତକୁ ନେଇ ସନ୍ଦେହ, ଏସ୍‌ପିଙ୍କୁ ଫେରାଦ

**ବରଗଡ଼ ଅଫିସ୍,୧୦।୧୨**

ବରଗଡ଼ ଜିଲା ଭେଡ଼େନ ଥାନାରେ ରୁଜୁ ହୋଇଥିବା ଏକ ହତ୍ୟା ମାମଲାରେ ସ୍ଥାନୀୟ ପୋଲିସର ତଦନ୍ତକୁ ସନ୍ଦେହ କରି ଲୁହାଖଣ୍ଡି ଗ୍ରାମବାସୀ ଶୁକ୍ରବାର ଏସ୍‌ପିଙ୍କୁ ଫେରାଦ ହୋଇଥିଲେ। ସେମାନେ ଏସ୍‌ପି ରାହୁଲ ଜୈନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ମିଶ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗତ ସେପ୍ଟେମ୍ବର ୧୭ ତାରିଖରେ ହାତଗୋଡ଼ ବନ୍ଧା ଏବଂ ଅଚେତ ଅବସ୍ଥାରେ ଲୁହାଖଣ୍ଡି ଗ୍ରାମର ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଥିଲା। ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାକୁ ନେଇ ସେହି ମାସ ୨୧ତାରିଖ ଭୋରରୁ ପୋଲିସ ଲୁହାଖଣ୍ଡି ଗ୍ରାମର ସୁଦାମ ମହାକୁର, ସଦାନନ୍ଦ ମହାକୁର, ଟିକେଶ୍ୱର ମହାକୁର, ଜିତ ବାଗ, ବାଞ୍ଛା ପଧାନଙ୍କୁ ଥାନାକୁ ଉଠାଇ ନେଇ ରାତ୍ରିରେ ଛାଡ଼ିଥିଲା। ତେବେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସମ୍ପୃକ୍ତ ଯୁବକଙ୍କ ମୃତ୍ୟୁ ହେବା ପରେ ଗତ ମାସ ୧୫ତାରିଖରେ ପୋଲିସ ପୁଣି ଉକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପୋଲିସର ଏଭଳି ତଦନ୍ତରେ ସନ୍ଦେହ କରି ଏହାର ବିଧିବଦ୍ଧ ତଦନ୍ତ କରିବା ସହିତ ପ୍ରକୃତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ନିର୍ଦ୍ଦୋଷଙ୍କୁ ଛାଡ଼ି ଦେବାକୁ ପ୍ରମୋଦ ମେହେର, ସୁବାଷ ମହାକୁର, ସନ୍ତୋଷ ଭୁଏ, ଅକ୍ଷୟ ଦେହେରୀ ପ୍ରମୁଖ ଗ୍ରାମବାସୀ ନିବେଦନ କରିଛନ୍ତି।



ଏସ୍‌ପିଙ୍କୁ ଫେରାଦ ହୋଇଥିବା ଲୁହାଖଣ୍ଡି ଗ୍ରାମବାସୀ।

# ଦୁଇ ଯୁବକ ଗିରଫ, ରୁପା ବିସ୍କୁଟ୍ ଉଦ୍ଧାର

**ସୋନପୁର,୧୦।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ଇଷ୍ଟଦେବୀ ମା ସୁରେଶ୍ୱରୀଙ୍କ ମନ୍ଦିର ଚୋରି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ସୋନପୁର ସହର ଧୀବର ପଡାର ମହାଦେବ ଥାପ୍ପା(୨୩) ଓ କୁମ୍ଭାରପଡାର ସୁଶାନ୍ତ ବେହେରା(୩୫)। ଶୁକ୍ରବାର ମହାଦେବ ଓ ସୁଶାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ମହାଦେବଙ୍କ ନିକଟରୁ ୧୨୦ ଗ୍ରାମର ରୁପା ବିସ୍କୁଟ୍ ପୋଲିସ ଉଦ୍ଧାର କରିଛି। ଚୋରି କରିବା ପରେ ଅଭିଯୁକ୍ତମାନେ ସୁରେଶ୍ୱରୀଙ୍କ ଅଳଙ୍କାରକୁ ତରଳାଇ ବିସ୍କୁଟ୍ ପ୍ରସ୍ତୁତ କରିଥିବା ସୋନପୁର ଏସ୍‌ଡିପିଓ ପୁଷ୍ପାଞ୍ଜଳି ନିଙ୍ଗୀ ଓ ଆଇଆଇସି ପୁଷ୍ପେନ୍ଦୁ ସାଗର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଘଟଣାରେ ମୋଟ ୪ ଜଣ ସମ୍ପୃକ୍ତ ଅଛନ୍ତି। ସେଥି ମଧ୍ୟରୁ ୨ ଜଣ ଫେରାର ଥିବାରୁ ବାକି ରୁପା ଉଦ୍ଧାର ହୋଇ ପାରି ନ ଥିବା ପୋଲିସ କହିଛି। ତେବେ ତଦନ୍ତ ଜାରି ରହିଥିବାରୁ ଅଭିଯୁକ୍ତମାନେ କେଉଁ ଜୁଏଲେରିରେ ଅଳଙ୍କାରକୁ ତରଳାଇ ବିସ୍କୁଟ ପ୍ରସ୍ତୁତ କରିଛନ୍ତି ସେ ସମ୍ପର୍କରେ ପୋଲିସ ସୂଚନା ଦେଇନି।

ପ୍ରକାଶ ଯେ, ନଭେମ୍ବର ୨୯ ତାରିଖ ବିଳମ୍ବିତ ରାତିରେ ସୁରେଶ୍ୱରୀ ମନ୍ଦିରର ମୁଖ୍ୟ ଫାଟକ ଓ ଗମ୍ଭୀରା ଫାଟକ ତାଲା ଭଙ୍ଗାଯାଇ ମା'ଙ୍କ ୨୦ ଭରି ଓଜନର ରୁପା ମୁକୁଟ ଓ ୨ଟି ରୁପା ଛତ୍ର ଚୋରି ହୋଇଥିଲା। ଗୋଟିଏ ରାତିରେ ସୁରେଶ୍ୱରୀଙ୍କ ମନ୍ଦିର ସମେତ ୫ଟି ମନ୍ଦିରରୁ ସିରିଜ୍ ଚୋରି ହୋଇଥିଲା। ସୁବର୍ଣ୍ଣମେରୁ ମନ୍ଦିର ପରିସର ସ୍ଥିତ ମା' କାଳୀ ମନ୍ଦିର ତାଲା ଭଙ୍ଗା ଯାଇଥିଲା। ମା' କାଳୀ ପିନ୍ଧିଥିବା ସୁନା ନୁଥ ଚୋରି ହୋଇଥିଲା। ଭଗବତୀପ୍ଲଟସ୍ଥିତ ଗଣେଷ ମନ୍ଦିର ଦାନ ବାକ୍ସରୁ ଟଙ୍କା ଚୋରି ସହିତ ଓଁକାର ମନ୍ଦିର ଓ ଅଘୋରୀ ବାବାଙ୍କ ଆଶ୍ରମରେ ତାଲା ଭାଙ୍ଗି ଚୋରି ଉଦ୍ୟମ ହୋଇଥିଲା। ଘଟଣାକୁ ନେଇ ଜିଲା ବ୍ୟାପି ପ୍ରତିକ୍ରିୟା ପ୍ରକାଶ ପାଇଥିଲା1। ପୂଜକଙ୍କ ଅଭିଯୋଗ କ୍ରମେ ସୋନପୁର ଥାନାରେ ମାମଲା ରୁଜୁ ହୋଇଥିଲା। ଏସ୍‌ପି ସୀତାରାମ ଶତପଥୀ ଏହି ଘଟଣାରେ ସମ୍ପୃକ୍ତ ଅଞ୍ଚଳରେ ରାତ୍ରୀକାଳୀନ ପାଟ୍ରୋଲିଂ ଡ୍ୟୁଟିରେ ଥିବା ଜଣେ କନଷ୍ଟେବଳ ଓ ୨ଜଣ ଗୃହରକ୍ଷୀଙ୍କୁ ନିଲମ୍ବନ କରିଥିଲେ।



ସୋନପୁର ଏସ୍‌ଡିପିଓ ପୁଷ୍ପାଞ୍ଜଳି ନିଙ୍ଗୀ ଓ ଆଇଆଇସି ପୁଷ୍ପେନ୍ଦୁ ସାଗର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।

**ସୁରେଶ୍ୱରୀ ମନ୍ଦିରରୁ ଚୋରି ଘଟଣା**

## ବୌଦ୍ଧ ଭାଜପାର ତୃତୀୟ କାର୍ଯ୍ୟକାରିଣୀ ବୈଠକ

**ବୌଦ୍ଧ,୧୦।୧୨(ସ୍ୱ.ପ୍ର.)**

ବୌଦ୍ଧ ଜିଲା ଭାଜପା ପକ୍ଷରୁ ତୃତୀୟ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଟାଉନହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହା ସହ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ବୈଠକ ପ୍ରାରମ୍ଭରେ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ସିଡିଏସ୍ ଜେନେରାଲ ବିପିନ ରାୱତ୍ ଏବଂ ଅନ୍ୟ ବୀର ଜବାନଙ୍କ ବିୟୋଗରେ ଶୋକ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକାରିଣୀ ବୈଠକରେ ୧୨ଟି ରାଜନୈତିକ ଠିଠା ଉପରେ ଆଲୋଚନା ହୋଇଥିଲା। ୧୨ଟି ଠିଠାଗୁଡିକ ହେଲା ଜିଲାରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ, ବେକାରୀ ସମସ୍ୟା ଉଗ୍ରରୂପ, ଜିଲାର ସମସ୍ତ ବିଭାଗରେ ଦୁର୍ନୀତି, ଧାନ କିଣାରେ ଚାଷୀଙ୍କୁ ଶୋଷଣ, ଜିଲାରେ ଜଳସେଚନର ଘୋର ଅବ୍ୟବସ୍ଥା, ପଞ୍ଚାୟତଗୁଡିକରେ ଦୁର୍ନୀତି ଚରମ ସୀମାରେ, ବିଦ୍ୟୁତ୍ ଦର ବୃଦ୍ଧି, ପଛୁଆବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଧୁଆଁବାଣ, ଜିଲାରେ ଆଉ ୪ଟି ବିଜ୍ଞାପିତ ଅଞ୍ଚଳ ଦାବି ଓ ବୌଦ୍ଧ ବିଜ୍ଞାପିତ ଅଞ୍ଚଳକୁ ମ୍ୟୁନିସିପାଲଟି ଘୋଷଣା, ଏହା ସହ ଜିଲାରେ ସବୁଠୁ ଅଧିକ ଦୁର୍ନୀତି ଗ୍ରସ୍ତ ଶିକ୍ଷା ବିଭାଗ ବୋଲି କହିବା ସହ ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଦୁର୍ନୀତି ହୋଇଥିବା ବୈଠକରେ ଆଲୋଚନା ହୋଇଥିଲା। ଏହା ପରେ ୪ଟି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ନବୀନ ମହାପାତ୍ର, ଦେବାଶିଷ ପୁରୋହିତ, ମନୋରଞ୍ଜନ ଦାସ ଓ ଜିଲା ସଭାପତି ବିପ୍ରଚରଣ ମହାନ୍ତି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସୁଶାନ୍ତ କୁମାର ପ୍ରଧାନ, ସତ୍ୟାନନ୍ଦ ପାଣ୍ଡେ, ଶ୍ୟାମସୁନ୍ଦର ପୁରୋହିତ, ତାପସ କୁମାର ପଟ୍ଟନାୟକ, ସୂର୍ଯ୍ୟନାରାୟଣ ମହାପାତ୍ର, ମାଗୁଣି ଗାଇଗୌରିଆ, ନମିତାରାଣୀ ଦାସ, ସ୍ୱର୍ଣ୍ଣମୟୀ ପ୍ରଧାନ, ମିନାରାଣି ମିଶ୍ର, ରବି ଦେଓ, ସମସ୍ତ ମଣ୍ଡଳ ସଭାପତି ଓ ଜିଲାସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗୋଡ଼ଭଗା ସେଣ୍ଟ୍ରାଲ, ବରଗଡ଼ ପ୍ରାଇଡ୍ ବିଜୟୀ

**ବରଗଡ଼ ଅଫିସ୍,୧୦।୧୨**

ବରଗଡ଼ ଜିଲା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଭିଜନ ୨୦୨୪ ଆନ୍ତଃ କ୍ଲବ କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ମ୍ୟାଚ୍ ଗୁଡ଼ିକରେ ଗୋଡ଼ଭଗା ସେଣ୍ଟ୍ରାଲ ଓ ବରଗଡ଼ ପ୍ରାଇଡ୍ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ବିକାଶ ଗ୍ରାଉଣ୍ଡରେ ପଦ୍ମପୁରର ରାଜବୋଡ଼ାସମ୍ବର କ୍ଲବ ଓ ଗୋଡ଼ଭଗା ସେଣ୍ଟ୍ରାଲ ମଧ୍ୟରେ ମ୍ୟାଚ୍ ହୋଇଥିଲା। ରାଜବୋଡ଼ାସମ୍ବର କ୍ଲବ ଟସ୍ ଜିଣି ବ୍ୟାଟିଂ ପାଇଁ ଗୋଡ଼ଭଗା ସେଣ୍ଟ୍ରାଲକୁ ଆମନ୍ତ୍ରଣ କରିଥିଲା। ଦଳର ଲୋକନାଥ ମହାପାତ୍ରଙ୍କ ୩୫, ଆକାଶ ସିଂଙ୍କ ୩୦, ବାଦଲ ପରଦେଶୀଙ୍କ ୨୮ରନଙ୍କ ସହାୟତାରେ ଗୋଡ଼ଭଗା ସେଣ୍ଟ୍ରାଲ ୩୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୬୪ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷର ଦୀପକ ଜୟପୁରିଆ, ଧରଣୀ ବାରିକ ୩ଟି ଲେଖାଏଁ ଉଇକେଟ୍ ନେଇଥିବାବେଳେ ପ୍ରୟାସ ସାହୁ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ରାଜବୋଡ଼ାସମ୍ବର ଦଳର ଅକ୍ଷୟ ଡନସନାଙ୍କ ୭୩, ଅବଦୁଲ ରହିମ ଖାଁଙ୍କ ୨୮ରନ ସହାୟତାରେ ୩୫.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୫୫ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ ଗୋଡ଼ଭଗା ସେଣ୍ଟ୍ରାଲର ବାଦଲ ପରଦେଶୀ ୪ଟି ଉଇକେଟ୍ ନେଇଥିବା ବେଳେ ପ୍ରଭଞ୍ଜନ ସାହୁ ଓ ସୌରଭ ନାୟକ ୩ଟି ଲେଖାଏଁ ଉଇକେଟ୍ ଅକ୍ତିଆର କରିଥିଲେ। ଗୁରୁଦୀପ ସିଂ, ପ୍ରୟାସ ବଗାର ଖେଳ ପରିଚାଳନା କରିଥିଲେ। ସେହିପରି କଟାପାଲି ଗ୍ରାଉଣ୍ଡରେ ଅତାବିରାର ଭିଏସଏସ କ୍ଲବ ଓ ବରଗଡ଼ ପ୍ରାଇଡ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଅତାବିରା ପ୍ରଥମେ ବ୍ୟାଟିଂ କରି ରିତିକ ଜୈନଙ୍କ ୪୦, ସଂସ୍କାର କୋଟାକଙ୍କ ୧୯ରନ ସହାୟତାରେ ୯ଉଇକେଟ୍ ହରାଇ ୧୨୩ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷର ପ୍ରିୟାଂଶୁ ପୁରୋହିତ ୩ ଏବଂ ସୌମ୍ୟ ରଥ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ବରଗଡ଼ ପ୍ରାଇଡ୍ ଦଳର ହିମାଂଶୁ ଭୋଇଙ୍କ ୫୪, ଅଜିତ ସ୍ୱାଇଁଙ୍କ ୧୮ରନ ସହାୟତାରେ ୬ଉଇକେଟ୍ ବିନିମୟରେ ବିଜୟ ଲକ୍ଷ୍ୟ ପୂରଣ କରିଥିଲେ। ପ୍ରଦୀପ ଦାଶ ଓ ଶୁଭମ ପାତ୍ର ଖେଳ ପରିଚାଳନା କରିଥିଲେ।

## ଭିଜନ ୨୦୨୪ କ୍ରିକେଟ ଲିଗ୍: ଏସ୍‌ଡିସିଏ ୟେଲୋ ବିଜୟୀ

**ସୋନପୁର,୧୦।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା କ୍ରିକେଟ୍ ସଂଘ ଆନୁକୂଲ୍ୟରେ ଓଡ଼ିଶା କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଆୟୋଜିତ ଭିଜନ-୨୦୨୪ କ୍ରିକେଟ୍ ଲିଗ୍‌ର ତୃତୀୟ ଦିବସରେ ଏସ୍‌ଡିସିଏ ୟେଲୋ ବିଜୟ ଲାଭ କରିଛି। ସୋନପୁର ଗାନ୍ଧୀ ପଡିଆରେ ଏସ୍‌ଡିସିଏ ୟେଲୋ ଓ ଏସ୍‌ଡିସିଏ ବ୍ଲୁ ମଧ୍ୟରେ ଶୁକ୍ରବାର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୟେଲୋ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓପନର ଦୁହେଁ ଦୃଢତାର ସହ ବ୍ୟାଟିଂ ଆରମ୍ଭ କରିଥିଲେ ମଧ୍ୟ ୨୫ ରନରେ ପ୍ରଥମ ଉଇକେଟ୍ ଗଣେଷ ବାରିକ୍ ଆଉଟ ହୋଇଥିଲେ। ବି ପୁରୁଷୋତ୍ତମ ପାତ୍ରଙ୍କ ଦୃଢ ୫୨ ରନ ଓ କେ ଗୋପାଳ କ୍ରୀଷ୍ଣାଙ୍କ ଧୈର୍ଯ୍ୟପୂର୍ଣ୍ଣ ୧୧୨ ରନ ସହାୟତାରେ ୟେଲୋ ଦଳ ୨୩୮ ରନ କରି ୬ ଉଇକେଟ ହରାଇ ଥିଲା । ବ୍ଲୁ ଦଳର ବୋଲର ଆଶିଷ ମଲ୍ଲିକ ୪ ଉଇକେଟ୍ ହାସଲ କରିଥିଲେ। ୨୩୯ ରନର ବିଶାଳ ବିଜୟ ଲକ୍ଷ୍ୟକୁ ପିଛା କରି ବ୍ଲୁ ଦଳ ପ୍ରାରମ୍ଭିକ ବିପର୍ଯ୍ୟୟର ସାମ୍ନା କରିଥିଲେ। ଏକଦା ୭୧ ରନରେ ୪ ଉଇକେଟ୍ ହରାଇ ଥିବା ଦଳ ଆଶିଷ ମଲ୍ଲିକଙ୍କ ଦାୟିତ୍ୱ ପୂର୍ଣ୍ଣ ୪୪ ରନ ଓ ସୌରଭ ତରିଆଙ୍କ ୩୭ ରନ ଓ ଗୋବିନ୍ଦ ମେହେରଙ୍କ ୧୯ ରନ ସହାୟତାରେ ବ୍ଲୁ ଦଳ ୧୫୯ କରିବାକୁ ସକ୍ଷମ ହୋଇଥିଲେ। ଯଦ୍ୱାରା ବ୍ଲୁ ଦଳ ୟେଲୋ ଦଳ ଠାରୁ ୭୯ ରନରେ ପରାଜିତ ହୋଇଥିଲା। ୟେଲୋ ଦଳର ବୋଲର ବି ପୁରୁଷୋତ୍ତମ ପାତ୍ର ୩ଟି, ସୁମନ ମହାରଣା ୨ଟି ଓ ସାକେତ ସ୍ୱାଭିମାନ ସେଠ୍ ମାତ୍ର ୨ ରନ ଦେଇ ୨ଟି ଉଇକେଟ୍ ହାସଲ କରିଥିଲେ। ପ୍ରାକ୍ତନ ଖେଳାଳି ତଥା ଆଇନଜୀବୀ ସୁରେଶ ଷାଣ୍ଢ ଓ ପ୍ରାକ୍ତନ ଖେଳାଳି ପିଙ୍କୁ ରଥ ମ୍ୟାଚ୍‌ରେ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ୟାମ ସୁନ୍ଦର ପଣ୍ଡା ଓ ଗିରିଜା ଶଙ୍କର ଭୋଇନା ମ୍ୟାଚ୍ ପରିଚାଳନା କରିଥିଲେ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

# ମଣ୍ଡିରୁ ଧାନ ଉଠୁନି, ଚିନ୍ତାରେ ଚାଷୀ

**ସୋନପୁର,୧୦।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ଧାନ କିଣା ଆରମ୍ଭ ହେବାର ୫ ଦିନ ବିତିଲାଣି। ପ୍ରଥମ ପର୍ଯ୍ୟାୟରେ ଜିଲାର ଚାଷୀଙ୍କ ଠାରୁ ୨୭ ଲକ୍ଷ ୪୦ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ଏ ପର୍ଯ୍ୟନ୍ତ ଟାର୍ଗେଟ୍ ମିଳିଛି। ମାତ୍ର ଶୁକ୍ରବାର ସନ୍ଧ୍ୟା ସୁଦ୍ଧା କେବଳ ୨୦୧ ଚାଷୀଙ୍କ ନିକଟରୁ ୧୨ ହଜାର ୩୪୮ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ୬୨ଟି ପ୍ୟାକ୍ସ ଓ ୩୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଧାନ କିଣା ପାଇଁ ଯୋଗାଣ ନିଗମ ସହିତ ଚୁକ୍ତିନାମା କରିଛନ୍ତି। ତେବେ ଶୁକ୍ରବାର ସୁଦ୍ଧା ଡୁଙ୍ଗୁରିପାଲି ଓ ବିନିକା ବ୍ଲକର ୧୦ଟି ପ୍ୟାକ୍ସ ଓ ୭ଟି ଏସଏଚଜି ଧାନ କ୍ରୟ ଆରମ୍ଭ କରିଛନ୍ତି। ଚାଷୀଙ୍କ ଟୋକନ୍ ଆସିଥିବା ବେଳେ ମଣ୍ଡିରେ ଧାନ ବିକ୍ରି ହୋଇପାରୁନି। ଶ୍ରୀ ଗଣେଷ ଆଞ୍ଚଳିକ କୃଷକ ସଙ୍ଗଠନ ଏଥିପାଇଁ ଜିଲା ପ୍ରଶାସନ, ମିଲର୍ସ ଓ ଅସାଧୁ ବ୍ୟବସାୟୀଙ୍କୁ ଦାୟୀ କରିଛି। ମଣ୍ଡିରୁ ଚାଷୀଙ୍କ ଧାନ ଉଠୁ ନ ଥିବାବେଳେ ରାଇସ୍ ମିଲ୍‌ର ଗୋଦାମଗୁଡିକ ଭର୍ତ୍ତି ହୋଇ ସାରିଥିବା କୃଷକ ସଙ୍ଗଠନ ଶୁକ୍ରବାର ସୋନପୁର ଠାରେ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛି। ସଙ୍ଗଠନର ଆବାହକ ଦେବାଶିଷ ଦାସ ଅଭିଯୋଗ କରିଛନ୍ତି ଚଳିତ ଥର ଚାଷୀଙ୍କୁ ହଇରାଣ କରିବା ପାଇଁ ବିଳମ୍ବରେ ଧାନ କ୍ରୟ ଆରମ୍ଭ କରାଗଲା। ସରକାରୀ ଭାବେ ଗତ ୬ ତାରିଖରେ ଧାନ ମଣ୍ଡି ଖୋଲିବା ପୂର୍ବରୁ ମିଲର୍ସମାନେ ବାହାରୁ ଧାନ କ୍ରୟ କରି ମିଲ୍ ଗୋଦାମ ଭର୍ତ୍ତି କରିଛନ୍ତି। ଏବେ ଆଦ୍ରତା ଦର୍ଶାଇ ଚାଷୀଙ୍କ ଠାରୁ ଧାନ କିଣାଯାଉନି। ଅନ୍ୟପକ୍ଷେ ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ ମିଲର୍ସଙ୍କ ଗୋଦାମ ଯାଞ୍ଚ କରାଯାଉନି। ବିନିକା ବ୍ଲକ କଟାପାଲି ସ୍ଥିତ ମା ସନ୍ତୋଷି ସ୍ୱୟଂ ସହାୟକ ଗୋଷ୍ଠୀର ମଣ୍ଡିକୁ ଚାଷୀ କ୍ଷୀରେଶ୍ୱରୀ ମେଣ୍ଡଲି ଗତ ୮ ତାରିଖରେ ଧାନ ବିକ୍ରି କରିବାକୁ ଆସିଥିଲେ। ଡୁଙ୍ଗୁରିପାଲି ଆରଏମସି କର୍ମଚାରୀ ଓ ଯୋଗାଣ ବିଭାଗ ଦ୍ୱାରା ଧାନର ମାନ ନିର୍ଦ୍ଧାରଣ ହୋଇଥିଲା। ଆଦ୍ରତା ରିପୋର୍ଟ ୧୬.୬ ଆସିଥିଲା। କିନ୍ତୁ ଗୋବର୍ଦ୍ଧନ ଛକର ଏକ ମିଲର୍ସ ରିପୋର୍ଟକୁ ପ୍ରତ୍ୟାଖାନ କରି ନିଜର ଆଦ୍ରତା ମେସିନ୍‌ରେ ଧାନର ମାନ ନିର୍ଦ୍ଧାରଣ କରିଥିଲେ। ମଣ୍ଡିକୁ ଆସିଥିବା ମିଲର୍ସଙ୍କ ଏଜେଣ୍ଟ କ୍ଷୀରେଶ୍ୱରୀଙ୍କ ଧାନରେ ୨୦ରୁ ୨୨ ପ୍ରତିଶତ ଆଦ୍ରତା ଥିବା କହି ଧାନ ଉଠାଇ ନ ଥିଲେ। ଉପରିସ୍ଥ ଅଧିକାରୀଙ୍କ ଚାପ ପରେ ମିଲର୍ସ ଧାନ ଉଠାଇ ଥିବା ଅଭିଯୋଗ ହୋଇଛି। ଏଭଳି ଭାବେ ଆଦ୍ରତା ଆଳରେ ଚାଷୀଙ୍କୁ ମିଲର୍ସମାନେ ଠକୁଥିବା କୃଷକ ସଙ୍ଗଠନର ସଭାପତି ଅଜିତ କୁମାର ପଣ୍ଡା ଅଭିଯୋଗ କରିଛନ୍ତି। ସେହିଭଳି ଚାଷୀଙ୍କ ଧାନ ବସ୍ତାକୁ ଫେରସ୍ତ ନ କରି ମଣ୍ଡି ହେଣ୍ଡଲିଂ ନାମରେ ଆସୁଥିବା କୋଟି କୋଟି ଟଙ୍କାକୁ ହଡପ କରାଯାଉଛି। କଟ୍‌ନି ଛଟ୍‌ନି ଓ ଶ୍ରମିକଙ୍କ ମଜୁରି ନାମରେ ଅର୍ଥ ହଡପ ହେଉଛି। ଧାନ କିଣା ସହିତ ମିଲର୍ସଙ୍କ କୌଣସି ସମ୍ପର୍କ ନ ଥିବା ବେଳେ ମିଲର୍ସ ନ ଆସିଲେ ପ୍ୟାକ୍ସ ଓ ଏସଏଚ୍‌ଜି ଧାନ କିଣୁ ନଥିବା ଚାଷୀ ଅଭିଯୋଗ କରି ଆସୁଛନ୍ତି। ମାତ୍ର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନି ।

ଖରିଫ ଧାନ ବିକ୍ରି ପାଇଁ ୯୬ହଜାର ୫୦୦ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ତେବେ ଧାନ ବିକ୍ରି ଅନ୍ୟ ବର୍ଷ ତୁଳନାରେ ମନ୍ଥର ଗତିରେ ଚାଲିଛି। କୋହଲା ପାଗ ପାଇଁ ଧାନ ସଂଗ୍ରହ ଧିମେଇ ଥିବା ପ୍ରଶାସନ ସଫେଇ ଦେଉଛି। ଜିଲାର ୨୧ ମିଲର୍ସ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଯୋଗାଣ ନିଗମ ସହିତ ଚୁକ୍ତିନାମା କରିଛନ୍ତି । ତଦନୁଯାୟୀ ସେମାନଙ୍କୁ ସାଢେ ୩ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଟାର୍ଗେଟ୍ ମିଳିଛି । କିନ୍ତୁ ଚାଷୀଙ୍କ ଧାନ ସଂଗ୍ରହରେ ମିଲର୍ସ ମାନେ ଅସହଯୋଗ କରୁଥିବା କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ଦାଶ, ଉପସଭାପତି ବାମଦେବ ବେରିହା ଓ ବିନିକା ଏନଏସି ସଭାପତି ବରୁଣ ପ୍ରଧାନ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ କୁହନ୍ତି ଧାନ କିଣାରେ ସେମିତି କିଛି ସମସ୍ୟା ନାହିଁ। ଆସନ୍ତା ସପ୍ତାହ ଠାରୁ ଧାନ ସଂଗ୍ରହ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହେବ।



ଚାଷୀ ସଙ୍ଗଠନର କର୍ମକର୍ତ୍ତା ସୂଚନା ଦେଉଛନ୍ତି ।

**ସୁବର୍ଣ୍ଣପୁର ଜିଲା**

- ପ୍ରଶାସନ ପାଇଁ ମିଲର୍ସ, ବ୍ୟବସାୟୀ ଫାଇଦାରେ: କୃଷକ ସଙ୍ଗଠନ

